# ନେହେରୁଙ୍କ ଶେଷ ଟିଭି ସାକ୍ଷାତକାର


## ସଂଗ୍ରହ ଓ ଅନୁବାଦ : ବୀରେନ୍ଦ୍ର ନାୟକ

୯୪୩୮୦ ୧୫୦୫୬//bknatuu@yahoo.co.uk


୧୯୬୪ ମସିହା ମେ ମାସ । ଏହି ମାସ ୨୭ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କର ମୃତ୍ୟୁ ହୋଇଥିଲା । ଯେପରି ଜଣାଯାଏ, ମୃତ୍ୟୁର ନଅ ଦିନ ପୂର୍ବରୁ ,୧୮ ମେ ଦିନ, ସେ ଦେଉଥିଲେ ସାକ୍ଷାତକାର ମାର୍କିନ ଟିଭି ସାମ୍ବାଦିକ ଆର୍ଣ୍ଣଲଡ ମିକେଲିସ (Arnold Michaelis)ଙ୍କୁ । ଏହାର ଦେଢ଼ ବର୍ଷ ପୂର୍ବେ ଚୀନର ଭାରତକୁ ଆକ୍ରମଣ (ଅକ୍ଟୋବରରୁ ନଭେମ୍ବର ୧୯୬୨) ଥିଲା ନେହେରୁଙ୍କ ପାଇଁ ବେଦନାଦାୟକ । ହିନ୍ଦୀ-ଚୀନି ଭାଇ ଭାଇ ସ୍ଲୋଗାନ ଦେଇଥିବା ଜବାହାରଲାଲ ଯେପରି ଏହି ଯୁଦ୍ଧରେ ବନ୍ଧୁର ବିଶ୍ୱାସଘାତକତା ଦେଖିଥିଲେ ଓ ବିଷାଦଗ୍ରସ୍ତ ହୋଇପଡ଼ିଥିଲେ । ଏହି ବିଷାଦ ଯେପରି ତାଙ୍କୁ କ୍ଲାନ୍ତ ଓ ଅବସନ୍ନ କରିଦେଇଥିଲା । ସ୍ୱରକୁ ଶୀଥିଳ କରିଦେଇଥିଲା । ଏହି ସାକ୍ଷାତକାର ବେଳେ ତାହା ବାରି ହୋଇଯାଉଥିଲା । ଅଥଚ ସେ କଦାପି ନୈରାଶ୍ୟଗ୍ରସ୍ତ ହୋଇ ପଡ଼ିନଥିଲେ ବରଂ ତାଙ୍କରି ଭାଷାରେ "ମୁଁ ମୋ ଜୀବନରେ ଯେତେ ସୁଯୋଗ ପାଇଛି ତାହାକୁ ନେଇ ମୁଁ ବେଶ ସନ୍ତୁଷ୍ଟ । ମୋର କୌଣସି ହତାଶାର ଅନୁଭୂତି ନାହିଁ, ନିଃସନ୍ଦେହ ଅଛି ଏକାକୀତ୍ୱର ଅନୁଭବ ।" ତାଙ୍କର ମାନବୀୟ ଦୃଷ୍ଟିକୋଣର ଅଭିବ୍ୟକ୍ତିକୁ କୌଣସି ପ୍ରକାରରେ ଓଜହୀନ ହୋଇନଥିଲା ତାହା ଏହି ସାକ୍ଷାତକାରରୁ ପାଠକେ ବୁଝିପାରିବେ । ପାକିସ୍ତାନ ସହ ସମ୍ପର୍କ ସନ୍ଦର୍ଭରେ ତାଙ୍କର ଦୃଢ଼ମତ ଯେ ଯୁଦ୍ଧ ସମସ୍ୟାର ସମାଧାନ ନୁହେଁ ବା ଚୀନର ଭୂମିକାକୁ ସେ ନାପସନ୍ଦ କରିବାବେଳେ ଚୀନର ଲୋକେ କ୍ଷୁଧାରେ ନ ମରନ୍ତୁ ଚାହିଁବା ତାଙ୍କର ମାନବୀୟ ଦୃଷ୍ଟିକୋଣର କେତୋଟି ଦୃଷ୍ଟାନ୍ତ ।

ସାକ୍ଷାତକାର ଆରମ୍ଭ କରିବାପୂର୍ବରୁ ଜବାହାରଲାଲ ନେହେରୁଙ୍କର ସରକାରୀ ବାସଗୃହ ସାମ୍ନାରେ ଠିଆହୋଇ ସାମ୍ବାଦିକ କହୁଥିଲେ-

"ମୁଁ ଆର୍ଣ୍ଣଲଡ ମିକେଲିସ(Arnold Michaelis) । ଏଠି ଭାରତରେ, ଏହି ଘର ଉପରେ, ଯାହା ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନ, ଏକ ବିରାଟ ପ୍ରଶ୍ନ ଝୁଲୁଛି ଯେ ଏହି ବାସଗୃହର ପରବର୍ତ୍ତୀ ଅନ୍ତେବାସୀ କିଏ ହେବେ ? ଯିଏ କେହି ଏହି ପଦବୀରେ ବସନ୍ତୁ ନା କାହିଁକି, ଏହି ଗୃହରେ ବର୍ତ୍ତମାନ ରହୁଥିବା, ଅତି ମାତ୍ରାରେ ପରୋପକାରୀ, ସୁଖପ୍ରଦ, ଯଦିଓ ଆମ ଆମେରିକୀୟଙ୍କ ପାଇଁ ବେଳେବେଳେ ବିରକ୍ତିକର, କିନ୍ତୁ ସବୁବେଳେ ଆନନ୍ଦଦାୟକ ବ୍ୟକ୍ତିଙ୍କର ଭୂମିକାକୁ, ଦୁର୍ଭାଗ୍ୟକ୍ରମେ, ସେ, ପୂରଣ କରିପାରିବେ ନାହିଁ ।

"ଜବାହାରଲାଲ ନେହେରୁଙ୍କର ଅନ୍ତର୍ନିହିତ ବୈଶିଷ୍ଟ୍ୟ କଣ ? ଏହି ଦିଗଟି କମ୍ ପରିଚିତ । କିନ୍ତୁ ବିଶ୍ୱର ଆକଳନ ବିରୋଧାଭାଷ ଦ୍ୱାରା ଭରପୁର । ତଟସ୍ଥ ଏବଂ ଗୋଷ୍ଠୀ ନିରପେକ୍ଷଙ୍କର ନେତା ଭାବେ, ଭାରତର ଅସୀମ, କୋଟି କୋଟିସଂଖ୍ୟକ ଜନଗଣଙ୍କର କର୍ଣ୍ଣଧାର ଭାବେ, ତାଙ୍କର ଚିତ୍ରଣ ହୋଇଛି ଏକ ସାଧୁଠାରୁ ଏକ ସଇତାନ ଯାଏ, ଏକ ଗଣତନ୍ତ୍ରବାଦୀଠାରୁ ଏକ ଏକଛତ୍ରବାଦୀ ଯାଏ । ବିଶ୍ୱର ନେତାଙ୍କ ମଧ୍ୟରେ ନେହେରୁ ହେଉଛନ୍ତି ଦାର୍ଶନିକ-ରାଜନୈତିଜ୍ଞ, ଏକ ଏପରି ସଂଯୋଗ ଯେଉଁଥିରେ ତାଙ୍କର ନିନ୍ଦୁକମାନେ ଏକ ଉଦାସୀନତା, ଏକ ସହାନୁଭୂତିହୀନତାର ଲକ୍ଷଣ ଦେଖନ୍ତି; ଦେଖନ୍ତି ଏକ ବୌଦ୍ଧିକ ଦାମ୍ଭିକତା ।

"କିନ୍ତୁ ନୂତନ ଦିଲ୍ଲୀର ଏହି ସରକାରୀ ବାସଭବନରେ, ଏହି ସମ୍ଭ୍ରାନ୍ତ କାଶ୍ମୀର ବ୍ରାହ୍ମଣ ପ୍ରଧାନମନ୍ତ୍ରୀ ଚାପରୁ ନିଜକୁ ସାମୟିକ ଭାବେ ମୁକ୍ତ କରି ଦେଇ ପିତା ଏବଂ ପିତାମହର ଆଦର ଭୂମିକାରେ ଦେଖାଯାଇଥାନ୍ତି । ତାଙ୍କ କନ୍ୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ତାଙ୍କର (*ଇନ୍ଦିରାଙ୍କର*) ଦୁଇ ପୁଅ ଶ୍ରୀ ନେହେରୁଙ୍କ ପାଇଁ ଏକ ପରିବାରର ପରିବେଶ ଯୋଗାଇ ଆସୁଛନ୍ତି, ପତ୍ନୀ କମଳାଙ୍କର ୧୯୩୯ରେ ମୃତ୍ୟୁ ପରେ ।

"ସେ ତାଙ୍କ କନ୍ୟାଙ୍କୁ ନଅ ବର୍ଷକାଳ, ଭାରତର ସ୍ୱାଧୀନତା ପାଇଁ ସଂଗ୍ରାମ ସମୟରେ, କାରାଗାରରୁ ଲେଖା ମାଧ୍ୟମରେ ଯାହା ଦେଇଥିଲେ, ତାହା ସେ ଦେଉଥିଲେ ସଶରୀରରେ ନାତିମାନଙ୍କ ସହ ମିଶି । ତିରିଶ ବର୍ଷ ସଂଗ୍ରାମର ପୁରସ୍କାର ମିଳିଥିଲା ଅଗଷ୍ଟ ୧୫, ୧୯୪୭ ଦିନ ଯେଉଁ ଦିନ ଶେଷ ବ୍ରିଟିଶ ଭାଇସରାୟ ଆଡମିରାଲ ଲର୍ଡ ଲୁଇ ମାଉଂଟବେଂଟେନ ଘୋଷଣାନାମା ପଢ଼ିଲେ ଯାହା ଦ୍ୱାରା ଜନ୍ମ ନେଲା ନୂତନ ଗଣରାଜ୍ୟ ଭାରତ, ଏବଂ ଶେଷ ହେଲା ୨୦୦ବର୍ଷର ବ୍ରିଟିଶ ଶାସନ ।

“ଇତିହାସରେ ଏପରି କୌଣସି ଦୃଷ୍ଟାନ୍ତ ନାହିଁ ଯେଉଁଠି ଜଣେ ପିତା ନିଜ ଝିଅକୁ କାରାଗାରରୁ ଶିକ୍ଷା ଦେଉଥିଲେ, ଚିଠି ଜରିଆରେ ! କାରାଗାରରେ ସେ ପାଇଥିଲେ ବାଧ୍ୟତାମୂଳକ ଅବସର ଯେଉଁଠାରେ ସେ ତାଙ୍କ ପତ୍ନୀ କମଳାଙ୍କ ସ୍ମୃତିରେ ଲେଖିଥିଲେ ଆତ୍ମଜୀବନୀ । ଏବଂ ଯେଉଁଠାରେ ତାଙ୍କ ଭାବନାରେ ସେମାନଙ୍କ ସ୍ମୃତି ଜୀବିତ ଥିଲା ଯେଉଁମାନେ ତାଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରିଥିଲେ, ତାଙ୍କ ପତ୍ନୀ ତ ନିଶ୍ଚୟ, ତାଙ୍କ ପିତା, ଭାରତର ସର୍ବଶ୍ରେଷ୍ଠ କବି ରବୀନ୍ଦ୍ରନାଥ ଟାଗୋର, ଆଲବର୍ଟ ଆଇନଷ୍ଟାଇନ, ଜର୍ଜ ବର୍ଣ୍ଣାଡ ସ, ଆବ୍ରାହାମ ଲିଙ୍କନ ଏବଂ ତାଙ୍କର ଶିକ୍ଷକ, ବନ୍ଧୁ ଓ ପ୍ରିୟ ନେତା, ଅବିନାଶୀ ଗାନ୍ଧୀ । ସ୍ୱାଧୀନତା ଯେ କେବଳ ଅନେକ ଉତ୍ତମ ଫଳ ଆଣିଦେଲା ତାହା ନୁହେଁ, କିନ୍ତୁ ଆଣିଥିଲା ମଧ୍ୟ ଅକଳ୍ପନୀୟ ହିଂସା ଏବଂ ଅନେକ ଦୁଃଖଦ ଘଟଣା, ସବୁଠାରୁ ବଡ଼ ଦୁଃଖଦ ଘଟଣା ଥିଲା ମହାତ୍ମା ଗାନ୍ଧୀଙ୍କର ହତ୍ୟା ।

“‘ଯେଉଁଭଳି ତାଙ୍କର ମୃତ୍ୟୁ ହେଲା,’ ନେହେରୁ କହିଥିଲେ, ‘ତାହା ଥିଲା ଏକ ବିସ୍ମୟକାରୀ ନିଖୁଣ ଜୀବନର ଚରମୋତ୍କର୍ଷୀ ଚୂଡ଼ାନ୍ତ ପରିଣତି । ସେ ଯେଉଁ ବାର୍ତ୍ତା ଅଙ୍ଗୀଭୂତ କରିଥିଲେ, ତାହା କାଳ କାଳକୁ ରହିବ ଏବଂ ବୃଦ୍ଧି ପାଇବ ମଣିଷକୁ ବୁଝିବା ଭିତରେ । ଆମେ ଗଭୀର ଭାବେ ଅନୁଭବ କରୁଛୁ ଏହି ଶାନ୍ତ ଓ ବିନମ୍ର ମଣିଷର ବ୍ୟକ୍ତିତ୍ୱରେ ଥିବା ଜୀବନ୍ତ ଅନଳର ଅନୁପସ୍ଥିତି । ଏହି ବ୍ୟକ୍ତି ଯାହାଙ୍କର ଚକ୍ଷୁରୁ ପ୍ରାୟ ସବୁବେଳେ ଝରୁଥାଏ ହସ, ଅଥଚ ସେହି ଚକ୍ଷୁରେ ଥାଏ ଅସରନ୍ତି ଦୁଃଖର ଏକ ପୁଷ୍କରିଣୀ ।’ ‘ଆମେ ଯେଉଁମାନେ ତାଙ୍କୁ ଜାଣିଥିଲୁ’, ନେହେରୁ କହିଥିଲେ, ‘ସେ ଆମ ପାଇଁ ଏକ ତେଜୀୟାନ ଓ ଅତି ପ୍ରିୟ ମଣିଷ ହୋଇ ରହିବେ ଯିଏ ଆମକୁ ଉନ୍ନତ କରିଥିଲେ ଏବଂ ଆମର କ୍ଷୁଦ୍ର ଜୀବନକୁ ତାତ୍ପର୍ଯ୍ୟପୂର୍ଣ୍ଣ କରିଥିଲେ । ତାଙ୍କର ତିରୋଧାନ ଆମ ଭିତରେ ଏକ ଶୂନ୍ୟତା ଓ ଏକାକୀତ୍ୱ ସୃଷ୍ଟି କରିଛି ।’

“ଇଂଲଣ୍ଡର ସମ୍ଭ୍ରାନ୍ତ ପିଟସ୍ (Pitts)ପରିବାର ପରି, ଆମେରିକାର ରୁଜଭେଲ୍ଟ (Roosevelt) ପରିବାର ପରି ଭାରତରେ ନେହେରୁ ପରିବାର ସଦସ୍ୟମାନେ ବିଶ୍ୱ ରଙ୍ଗମଂଚର କେନ୍ଦ୍ରରେ ବେଶ୍ ସହଜଭାବେ ବିଚରଣ କରିପାରୁଥିଲେ । ଶୀତଳ ଯୁଦ୍ଧ ସମୟରେ ନେହେରୁଙ୍କର ତଟସ୍ଥତାର ନୀତି  ଏବଂ ଆନ୍ତର୍ଜାତିକ ବ୍ୟାପାର ପରିଚାଳନରେ ତାଙ୍କର ସ୍ୱାତନ୍ତ୍ର୍ୟ ତାଙ୍କୁ ବିଶ୍ୱ ନେତୃବୃନ୍ଦଙ୍କ ମଧ୍ୟରେ ସବୁଠାରୁ ଅଧିକ ଅନ୍ୟତମ ଲୋକପ୍ରିୟ ନେତା ଭାବେ ସ୍ୱୀକୃତ କରାଇଥିଲା ।

“ସେ ସମସ୍ତଙ୍କୁ ବନ୍ଧୁତ୍ୱର ହାତ ବଢ଼ାଉଥିଲେ, ନୀତିରେ ପାର୍ଥକ୍ୟ ଥିଲେ ମଧ୍ୟ । ଏହା ତାଙ୍କୁ ତାଙ୍କର ସମାଲୋଚକମାନଙ୍କ ଦୃଷ୍ଟିରେ ଅନିର୍ଭରଯୋଗ୍ୟ (slippery), ଏକ ନୀତିହୀନ ଅପରେଟର ଭାବେ ପରିଚିତି ଦେଉଥିଲା ବା ଦେଉଥିଲା ଏକ ଅନଭିଜ୍ଞ ରାଜନେତାର ପରିଚିତି ଯାହାଙ୍କର ଦୁର୍ବଳତା ଓ  ନ୍ୟାୟପରାୟଣତାର ପକ୍ଷ ବାଛିବାରେ ଅସମର୍ଥତା ତାଙ୍କୁ ଧ୍ୱଂସ କରିଦେଇ ପାରେ ।

“ସେ ଚାଉ-ଏନ-ଲାଇଙ୍କ ସହ ବନ୍ଧୁତ୍ୱଭାବର ଆଦାନ-ପ୍ରଦାନ ଦ୍ୱାରା ବେଶ୍ ଉଲ୍ଲସିତ ଥିଲେ ଓ ପଶ୍ଚିମ ଦେଶମାନଙ୍କରେ ପ୍ରତିକ୍ରିୟାକୁ ନେଇ ବିସ୍ମିତ ହେଉଥିଲେ । ୧୯୫୫ ବାଣ୍ଡୁଙ୍ଗ ସମ୍ମିଳନୀରେ ଏହି ବନ୍ଧୁତ୍ୱ ବେଶ ଶକ୍ତିଶାଳୀ ହୋଇଥିଲା । ଏହା ଫଳରେ ନେହେରୁ ଭାରତର ସ୍ୱଳ୍ପ ପାଣ୍ଠିକୁ ସାମରିକଭାବେ ଭାରତକୁ ଗଢ଼ିବାରେ ବ୍ୟବହାର ନ କରି ଅର୍ଥନୈତିକଭାବେ ଗଢ଼ିବାରେ ବିନିଯୋଗ କରିଥିଲେ ।

“କିନ୍ତୁ ଗୋଟିଏ ଦେଶ ଯେଉଁଠାରେ ଶତାବ୍ଦୀ ଶତାବ୍ଦୀ ଧରି ଦାରିଦ୍ର୍ୟ ରହି ଆସିଛି, ସେଠାରେ ପ୍ରଗତିର ଅନୁଭବ କ୍ୱଚିତ ହୋଇଥାଏ । ନେହେରୁ କହୁଥିଲେ, “ଅତୀତର ବୋଝ ଆମକୁ ଅନୁସରଣ କରୁଛି । ବେଳେ ବେଳେ ଆମେ ତାରୁଣ୍ୟ ଓ ଜୀବନୀ ଶକ୍ତିରେ ଭରପୁର ବୋଲି ଅନୁଭବ କରିଥାଉ । ଅନ୍ୟସମୟରେ ହଜାର ହଜାରବର୍ଷର ଅତୀତ ଆମକୁ ତଳକୁ ଟାଣି ନେଇଥାଏ, ଏବଂ ଆମେ ବୃଦ୍ଧତ୍ୱର ଅନୁଭବ କରୁ ଏବଂ ଦୀର୍ଘ ଅନ୍ତହୀନ ତୀର୍ଥଯାତ୍ରାର କ୍ଳାନ୍ତି ଅନୁଭବ କରୁ । ଉଭୟ ଆମର ଏକ ଅଂଶ ଏବଂ ଏହା ଆମକୁ କରିଛି ଯାହା ଆଜି ଆମେ ।” ଏହିପରି ପରସ୍ପର ସହ ବିରାମହୀନ ମିଶ୍ରଣ ଓ ସଂଘର୍ଷ ଭିତରୁ ସବୁବେଳେ ନୂତନ କିଛି ବାହାରିଛି ।”

<u>ସାକ୍ଷାତକାର</u>

**ନେହେରୁ:** “ସେ ସବୁଗୁଡ଼ିକ ମିଶିମାଶି ଯାଇଛି, ନୂତନ ଏବଂ ପୁରାତନ । ଏବଂ ସେମାନେ ଚାହାନ୍ତି ପୁରାତନରୁ କିଛି ଅଂଶ ରଖିବେ ଏବଂ ଅବଶିଷ୍ଟକୁ ନୂତନ ଦ୍ୱାରା ପ୍ରତିସ୍ଥାପିତ (replace) କରିବେ ।”

Arnold: “ମୁଁ ଲକ୍ଷ୍ୟ କରୁଛି ଆପଣ ଏବେ ବି ଚିନ୍ତିତ, ବିଶେଷତଃ କୃଷି କ୍ଷେତ୍ରରେ, କାରଣ ଭାରତ ମୂଳତଃ ଏକ କୃଷି ଅର୍ଥନୀତି, ଅଥଚ ଏବେ ବି ଖାଦ୍ୟ ପାଇଁ ଆମଦାନୀ ଉପରେ ନିର୍ଭରଶୀଳ ।”

**ନେହେରୁ:** “ହଁ, ଏହା ଆମକୁ ବେଶ୍ ବିବ୍ରତ କରୁଛି । କାରଣ ଆମେ ଖାଦ୍ୟପାଇଁ ନିର୍ଭରଶୀଳ ହେବାକୁ ଚାହୁଁନା । କିନ୍ତୁ ମୁଁ ଭାବୁଛି କିଛିବର୍ଷ ଭିତରେ .....”

Arnold: “ଆପଣ କ'ଣ ଭାବୁଛନ୍ତି ଆତ୍ମନିର୍ଭରଶୀଳ ହୋଇଯିବେ ?”

**ନେହେରୁ:** "ମୁଁ ଭାବୁଛି, ହଁ । ଆମେ ଆମପାଇଁ ଯଥେଷ୍ଟ ଉତ୍ପାଦନ କରିବା ଉଚିତ, ତାହାଠାରୁ କିଛି ଅଧିକା ମଧ୍ୟ କରାଯାଇପାରେ ।"

Arnold: "ଆପଣ ଚାଷୀଙ୍କଠାରେ ପୂରାତନ ପଦ୍ଧତି ଛାଡ଼ିବା ପାଇଁ ମାନସିକତା ବଢୁଥିବା ଲକ୍ଷ୍ୟ କରୁଛନ୍ତି କି? କାରଣ ମୁଁ ଜାଣେ ଅତୀତରେ ଏହା ଆପଣଙ୍କ ପାଇଁ ଏକ କଠିନ ସମସ୍ୟା ଥିଲା ।"

**ନେହେରୁ:** "ତାହା ପ୍ରକୃତରେ କଠିନ ସମୟ ଥିଲା । ଆମର ବହୁତ ସାଧାରଣ ପଦ୍ଧତି ରହିଛି ଉତ୍ପାଦନ ବଢ଼ାଇବା ପାଇଁ । କିନ୍ତୁ ତିରିଶ କୋଟି ଲୋକଙ୍କୁ କିପରି ପ୍ରବର୍ତ୍ତାଇ ପାରିବୁ,ତାହାଥିଲା ଏକ ବଡ଼ ସମସ୍ୟା । ମୋର ମନେ ହୁଏ ଆମେ ନୂତନ ପଦ୍ଧତି ସହ ଅଭ୍ୟସ୍ତ ହେଉଛୁ, ଏବଂ ଏହାଦ୍ୱାରା ଉତ୍ପାଦନରେ ବୃଦ୍ଧି ହେବ ।

Arnold:"ଶ୍ରୀଯୁକ୍ତ ନେହେରୁ, ଯାହା ଆପଣଙ୍କୁ ବ୍ୟସ୍ତ କରୁଛି, ଭାରତକୁ ବ୍ୟସ୍ତ କରୁଛି, ଯେପରି ମୁଁ ଜାଣେ, ତାହା ହେଉଛି ଜନ୍ମ ହାର (birth rate) ଓ ଜନସଂଖ୍ୟାରେ ବୃଦ୍ଧି, ଯାହା ଆପଣଙ୍କର କୃଷିରେ ଯେଉଁ ପ୍ରଗତି ହେଉଛି ତାହାକୁ ବ୍ୟର୍ଥ କରିଦେଇପାରେ ।

**ନେହେରୁ:** "ଏହା ହିଁ ହେଉଛି । କାରଣ ଆମର ସମସ୍ତ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଏହାକୁ ବ୍ୟର୍ଥ କରୁଛି । ଆମେ ଭାରତରେ ମେଲେରିଆର ପ୍ରଭାବକୁ ବ୍ୟବହାରିକ ଭାବେ ସମାପ୍ତ କରି ଦେଇଛୁ, ଟାଇଫଏଡକୁ ବହୁଳ ଭାବରେ ମଧ୍ୟ । ସାଧାରଣତଃ ଲୋକମାନଙ୍କର ଖାଦ୍ୟ ଆହାରରେ ବୃଦ୍ଧି ହୋଇଛି । ତେଣୁ କେତେକାଂଶରେ ଖାଦ୍ୟାଭାବର କାରଣ ହେଉଛି ଲୋକମାନଙ୍କର ଖାଦ୍ୟାହାରରେ ବୃଦ୍ଧି । ଏହାଛଡ଼ା ଲୋକେ ଭଲ ପୋଷାକ ପିନ୍ଧୁଛନ୍ତି । ଏହା ହେବ ହିଁ ହେବ । ଆମେ ମଧ୍ୟ ଚାହୁଁ ଏହା ହେଉ, ଲୋକେ ବେଶୀ ଖାଆନ୍ତୁ ଏବଂ ଭଲ ପିନ୍ଧନ୍ତୁ । ଏବଂ ଏହା ହିଁ ରାସ୍ତା ଓଗାଳୁଛି ଏବଂ ଜନସଂଖ୍ୟା ବୃଦ୍ଧି ପାଉଛି । ତେଣୁ ଆମେ ଯଥାସମ୍ଭବ ଚେଷ୍ଟା କରୁଛୁ ପରିବାର ନିୟୋଜନ ଏବଂ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକାରୀ କରିବା ପାଇଁ ।"

Arnold: "ଆପଣ କଣ ଏହି ଦିଗରେ ହୋଇଥିବା କିଛି ମାସର ପ୍ରଗତି ଦ୍ୱାରା ଉତ୍ସାହିତ ?"

**ନେହେରୁ:** "ହଁ, ପ୍ରଗତିର ଫଳ ପାଇବା ପାଇଁ କିଛି ସମୟ ଲାଗିବ । ପୁଣି ଭାରତ ଯେ ଏତେ ବଡ଼ ଓ ବିଶାଳ, ଯଦିଓ ଆମେ ବେଶ କିଛି କରୁଛୁ ତଥାପି ଏହାକୁ ଆମେ ପର୍ଯ୍ୟାପ୍ତ କହିପାରିବୁ ନାହିଁ ।"

Arnold: "ଅବଶ୍ୟ ଏହା ଆପଣ କହି ପାରନ୍ତି । ଅପର ପକ୍ଷରେ ଏହା ଯେ ଆପଣଙ୍କୁ ଯୋଗାଉଛି ଲୋକଶକ୍ତି(man power) ଯାହାର ମୂଲ୍ୟ ଅଛି ଯଦି ଆପଣ ଏହି ଶକ୍ତିର ସଠିକ ଉପଯୋଗ ପାଇଁ ମାର୍ଗ ପାଆନ୍ତି ।"

**ନେହେରୁ:** "ହଁ , ଯଦି ପାଏ । କିନ୍ତୁ ଏହା ସହଜ ନୁହେଁ, ଭାରତର ବିଶାଳ ଲୋକଶକ୍ତିର ଉପଯୋଗ କରିବା । ଆମେ ବେଶ କିଛି ଚେଷ୍ଟା କରୁଛୁ । କୃଷି କ୍ଷେତ୍ରକୁ ଦେଖାଯାଉ । ଯେଉଁ କାମକୁ ଅଳ୍ପ କିଛି ଲୋକଙ୍କ ଦ୍ୱାରା କରି ହେବ, ସେଠାରେ ଦୁଇଗୁଣ ବା ତିନିଗୁଣ ଲୋକ କାମରେ ଲାଗୁଛନ୍ତି । ଅର୍ଥାତ୍ ଅନେକଙ୍କର ଅନାବଶ୍ୟକ ବ୍ୟବହାର ହେଉଛି । ଆମର ସମସ୍ୟା ପ୍ରକୃତ କର୍ମସଂସ୍ଥାନ ନୁହେଁ, ତାଠାରୁ ବଡ଼ ସମସ୍ୟା ହେଉଛି ଆଂଶିକ କର୍ମସଂସ୍ଥାନ (under employment) । ମୁଁ ମନେକରେ ପ୍ରତ୍ୟେକ ଦେଶ ଚାହେଁ ଏକ ଜନମଙ୍ଗଳ ରାଷ୍ଟ୍ର ହେବାପାଇଁ କାରଣ ସେ ଚାହେଁ ତାର ନାଗରିକର କଲ୍ୟାଣ । କିନ୍ତୁ ବର୍ତ୍ତମାନ ସମୟରେ ଆମେ ତାହା କରିପାରୁ ନାହିଁ, ଯେତେ ଉତ୍ପାଦନ କଲେ ମଧ୍ୟ । ତାହା କେତେକ ଲୋକଙ୍କ ପାଖରେ ହିଁ ଠୁଳ ହେଉଛି । ଅନ୍ୟଙ୍କ ପାଖରେ ପହଂଚୁ ନାହିଁ । ତେଣୁ ସମସ୍ୟା ସୃଷ୍ଟି ହେଉଛି । ଯାହାର ଅଛି ଓ ଯାହାର ନାହିଁ ସେମାନଙ୍କ ମଧ୍ୟରେ ବ୍ୟବଧାନ ବଢୁଛି । ଆମେ ଚାହୁଁ ଏହି ବ୍ୟବଧାନ ଲୋପ ପାଉ ।"

Arnold: "ଅବଶ୍ୟ ଥିବା ବାଲା ବନାମ ନଥିବା ବାଲାଙ୍କ ଠୁଳିକରଣ ପ୍ରସଙ୍ଗ, ପାରମ୍ପରିକ ଭାବେ ଏବଂ ଐତିହାସିକ ଭାବେ ଦେଖିଲେ, ମାର୍କ୍ସ (Marx)ଙ୍କୁ ପ୍ରୋତ୍ସାହିତ କରିଥିବ ତାଙ୍କର ଘୋଷଣାପତ୍ର (manifesto) ଲେଖିବା ପାଇଁ ।"

**ନେହେରୁ:** "ମାର୍କ୍ସ ପ୍ରାୟ ଶହେବର୍ଷ ତଳେ ଏହି ସମସ୍ୟାଗୁଡିକର ବିଚାର କରିଥିଲେ ଯେତେବେଳେ ବିଶ୍ୱ ବହୁତ ଭିନ୍ନ ଥିଲା, ଯେତେବେଳେ ବ୍ୟବହାରିକ ଭାବେ ଲୋକଙ୍କ ଦ୍ୱାରା ନିୟନ୍ତ୍ରିତ କୌଣସି ପ୍ରଭାବଶାଳୀ ସରକାର ନ ଥିଲା ଏବଂ ଗଣତନ୍ତ୍ରର ଧାରଣା ସେପରି ବ୍ୟାପକ ହୋଇ ନ ଥିଲା । ମୋର ମନେ ହୁଏ ସେତେବେଳେ ସେ ଭାବୁଥିଲେ ବିନା ହିଂସାରେ କୌଣସି ପରିବର୍ତ୍ତନ ସମ୍ଭବ ନୁହେଁ । କିନ୍ତୁ ବର୍ତ୍ତମାନ ସେପରି ନୁହେଁ । ଗଣତନ୍ତ୍ର ପରିବର୍ତ୍ତନର ପଦ୍ଧତି ଦେଇଛି । ଏବଂ ମାର୍କ୍ସଙ୍କର ଧାରଣା ଯେ ଧନୀ ଗରିବ ମଧ୍ୟରେ ବ୍ୟବଧାନ ବଢ଼ିବ, ଧନୀ ଅଧିକ ଧନୀ ହେବ, ଗରିବ ଆହୁରି ଗରିବ ହେବ ତାହା, ଇତ୍ୟବସରରେ ଘଟିଥିବା ବହୁ ଘଟଣା ଅନୁସାରେ, ଭୁଲ ପ୍ରମାଣିତ ହୋଇଛି, ଉଦାହରଣସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକାରେ ଓ ଅନ୍ୟ ଅଂଚଳରେ ମଧ୍ୟ । ତେଣୁ ଯଦିଓ ମାର୍କ୍ସଙ୍କର ଦୃଷ୍ଟି ଥିଲା ବ୍ୟାପକ ଓ ତାଙ୍କର

କହିଥିବା ଅନେକ କଥା ସତ୍ୟ ହୋଇଛି, ଅନେକ କଥା ସତ୍ୟ ମଧ୍ୟ ହୋଇନାହିଁ । ମୁଁ ବୋଧହୁଏ କେଉଁଠାରେ ବ୍ୟବହାର କରିଥିଲି ଶବ୍ଦଟିଏ କହିବାକୁ ଯେ ସେମାନେ ନୂତନ ସମୟର ଅଧିବିଦ୍ୟା ବିଶାରଦ (metaphysician) ।"

Arnold: "ଏହା ମୋତେ ବିସ୍ମିତ କରୁଛି ଯେ ଆପଣ କମ୍ୟୁନିଷ୍ଟଙ୍କ ପାଇଁ ଅଧିବିଦ୍ୟା ବିଶାରଦ(metaphysician) ପଦର ବ୍ୟବହାର କରୁଛନ୍ତି ।"

**ନେହେରୁ:** "ସେମାନଙ୍କ ପାଇଁ ମୁଁ ଏପରି କହିଥିଲି କାରଣ ସେମାନେ ସବୁବେଳେ ଆଦର୍ଶକୁ ନେଇ ତର୍କ କରିଥାନ୍ତି ଏବଂ ଯାହା ଘଟୁଛି ତାହାର ତାତ୍ତ୍ୱିକ ବିଶ୍ଳେଷଣ କରିଥାନ୍ତି, ତଥ୍ୟ ପ୍ରକୃତରେ ଯାହା ହେଉ ନା କାହିଁକି ।"

Arnold: "ଯେଉଁ କାରଣରୁ ଏହା ପ୍ରତି ମୋର ଆଗ୍ରହ ହୋଇଛି ତାହା ହେଉଛି ଜୀବନରେ ତ୍ୟାଗ ଉପରେ ଗୁରୁତ୍ୱ ଦେବାର ପ୍ରବଣତା ଭାରତରେ କେତେକ କ୍ଷେତ୍ରରେ ଦେଖାଯିବା । ମୁଁ ବୁଝୁଛି ଏହା ଆମକୁ ଏକ ଦୀର୍ଘ ଆଦର୍ଶଗତ ଏବଂ ଦାର୍ଶନିକ ଆଲୋଚନା ଭିତରକୁ ନେଇଯିବ । କିନ୍ତୁ ଜୀବନରେ ତ୍ୟାଗ ତଥ୍ୟ ସହ ମେଳ ଖାଏ ନାହିଁ, ନା ମେଳ ଖାଏ ?"

**ନେହେରୁ:** "ନା, ଏହା କେବଳ ବ୍ୟକ୍ତିଙ୍କ ପାଇଁ ପ୍ରଯୁଜ୍ୟ, ବଡ଼ଗୋଷ୍ଠୀଙ୍କ ପାଇଁ ନୁହେଁ । ମୋ ମତରେ ତ୍ୟାଗର ଧାରଣା ଭଲ ଅଟେ, କିନ୍ତୁ ମୌଳିକ ଆବଶ୍ୟକତାଗୁଡ଼ିକ ଉପଲବ୍ଧ କରାଯିବା ପରେ । ଆଜିକା ଦିନରେ, ଦାରିଦ୍ର୍ୟ ପ୍ରପୀଡ଼ିତ ଜନତା ପାଇଁ ତ୍ୟାଗର ଧାରଣା ଉଦ୍ଭଟ ଅଟେ, କାରଣ ସେମାନଙ୍କ ପାଖରେ କେତେ ବା ଆଉ ରହିଯାଇଛି ତ୍ୟାଗ କରିବାକୁ ।

Arnold: ଆପଣ ସଂଖ୍ୟାଲଘୁଙ୍କ ବିଚାରକୁ ପ୍ରତିନିଧିତ୍ୱ କରନ୍ତି । କିନ୍ତୁ ଆପଣଙ୍କ ଭାରତରେ ବିଭିନ୍ନ ବିଚାରର ସଂଖ୍ୟାଲଘୁ ସମ୍ପ୍ରଦାୟ ଅଛନ୍ତି । ଏବଂ ସଂଖ୍ୟାଲଘୁଙ୍କ ମଧ୍ୟରେ ବୈଷମ୍ୟର ଚାବି କଣ ରହିଛି ୧୯୪୭ ମସିହାର ଦେଶ ବିଭାଜନ ଆଧାରରେ ?

**ନେହେରୁ:** "ହଁ, ସେହିପରି । ବର୍ତ୍ତମାନ ଚିନ୍ତା ହେଉଛି ଧର୍ମୀୟ ସଂଖ୍ୟାଲଘୁଙ୍କୁ ନେଇ, ଯାହା ସହିତ ଅନ୍ୟାନ୍ୟ ସମସ୍ୟା ଅବଶ୍ୟ ମିଶିଛି । କିନ୍ତୁ ମୁଖ୍ୟତଃ ଧର୍ମୀୟ ସଂଖ୍ୟାଲଘୁଙ୍କ କଥା । ଏମାନଙ୍କର ଭୟ ହେଉଥିଲା ଯେ ଭାରତ ସ୍ୱାଧୀନ ହେଲେ ସେମାନେ ସଂଖ୍ୟାଲଘୁ ହୋଇ ରହିଯିବେ , ଯାହା ସେମାନେ ଆଦୌ ପସନ୍ଦ କରୁନଥିଲେ ।"

Arnold: "ଆପଣ, ଶ୍ରୀଯୁକ୍ତ ଗାନ୍ଧୀ ଏବଂ ଶ୍ରୀଯୁକ୍ତ ଜିହ୍ନା ସମସ୍ତେ ସ୍ୱାଧୀନତା ପୂର୍ବରୁ ଓ ବିଭାଜନ ପୂର୍ବରୁ, ବ୍ରିଟିଶ ଆଧିପତ୍ୟରୁ ଭାରତକୁ ସ୍ୱାଧୀନ କରିବାର ସଂଗ୍ରାମରେ ସାମିଲ ଥିଲେ ।"

**ନେହେରୁ:** "ଶ୍ରୀଯୁକ୍ତ ଜିହ୍ନା ଆଦୌ ସ୍ୱାଧୀନତା ସଂଗ୍ରାମରେ ସାମିଲ ନ ଥିଲେ । ପ୍ରକୃତରେ ସେ ଏହାକୁ ବିରୋଧ କରୁଥିଲେ । ମୁସ୍ଲିମ ଲିଗ ବୋଧହୁଏ ୧୯୧୧ରେ ଆରମ୍ଭ ହୋଇଥିଲା । ଏହା ପ୍ରକୃତରେ ବ୍ରିଟିଶମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଏବଂ ସେମାନଙ୍କର ପ୍ରୋତ୍ସାହନ ପାଉଥିଲା ଆମ ଭିତରେ ଗୋଷ୍ଠୀ କନ୍ଦଳ ସୃଷ୍ଟିକରିବା ପାଇଁ । ଏହା କିଛି ପରିମାଣରେ ସଫଳ ହୋଇଥିଲା । ଶେଷରେ ଆସିଥିଲା ବିଭାଜନ ।

Arnold: "ମୁଁ ଶୁଣିଥିଲି ଯେ ଆପଣ ଏବଂ ଶ୍ରୀଯୁକ୍ତ ଗାନ୍ଧୀ ବିଭାଜନ ସମର୍ଥନରେ ଥିଲେ ।"

**ନେହେରୁ:** "ଶ୍ରୀଯୁକ୍ତ ଗାନ୍ଧୀ ଶେଷ ପର୍ଯ୍ୟନ୍ତ ଏହାର ସମର୍ଥନରେ ନ ଥିଲେ । ଏପରିକି ଯେତେବେଳେ ଏହା ହେଲା ସେ ଏହାକୁ ସମର୍ଥନ କରୁ ନଥିଲେ । ମୁଁ ମଧ୍ୟ ଏହାର ସମର୍ଥନରେ ନଥିଲି । କିନ୍ତୁ ଶେଷକୁ ମୁଁ ସ୍ଥିର କଲି, ଅନ୍ୟମାନଙ୍କ ଭଳି, ଯେ ସବୁବେଳେ ଗଣ୍ଡଗୋଳ ଲାଗି ରହିବା ଠାରୁ ବିଭାଜନ ହିଁ ଶ୍ରେୟସ୍କର । ଆପଣ ଦେଖନ୍ତୁ, ମୁସ୍ଲିମ ଲିଗର ନେତାମାନେ ଥିଲେ ବଡ଼ ବଡ଼ ଜମି ମାଲିକ ଯେଉଁମାନେ ଭୂସଂସ୍କାର ଚାହୁଁ ନଥିଲେ । କିନ୍ତୁ ଆମେ ବ୍ୟଗ୍ର ଥିଲୁ ଭୂସଂସ୍କାର ପାଇଁ ଯାହା ଆମେ ପରେ କଲୁ । ଏହା ଗୋଟିଏ କାରଣ ଯେଉଁଥିପାଇଁ ଆମେ ବିଭାଜନପାଇଁ ରାଜି ହେଲୁ । ଆମେ ଭାବିଲୁ ଯଦି ସେମାନେ ଆମ ସହିତ ରହିବେ, ଗଣ୍ଡଗୋଳ ଅବ୍ୟାହତ ରହିବା ସହିତ, ସେମାନେ ଆମର ବହୁ କାର୍ଯ୍ୟକ୍ରମକୁ ବିରୋଧ କରିବେ । ତେଣୁ ଆମେ କହିଲୁ ଯେ ବରଂ ଭାରତର ଗୋଟିଏ ଅଂଶକୁ ଆମେ ଗ୍ରହଣ କରିଯିବା ଏବଂ ଯେଉଁମାନେ ସଂସ୍କାର କାର୍ଯ୍ୟକ୍ରମକୁ ବିରୋଧ କରନ୍ତି ସେମାନଙ୍କ ସହ ନ ବାନ୍ଧି ହୋଇ ଆମର ସଂସ୍କାର କାର୍ଯ୍ୟକ୍ରମକୁ ଆଗେଇ ନେବା ।"

Arnold: "ତଥାପି ଭାରତରେ ମୁସଲମାନଙ୍କ ସହ ଆପଣଙ୍କର ଶତାବ୍ଦୀ ଶତାବ୍ଦୀ କାଳ ବ୍ୟାପି ଭ୍ରାତୃତ୍ୱପୂର୍ଣ୍ଣ ଜୀବନଯାପନ ହୋଇନାହିଁ କି ?"

**ନେହେରୁ:** "ହଁ ଶହ ଶହ ବର୍ଷ ଧରି ଭାରତରେ, ସାମୟିକ ସଂଘର୍ଷ ସତ୍ତ୍ୱେ ଭ୍ରାତୃତ୍ୱପୂର୍ଣ୍ଣ ଜୀବନଯାପନ ଚାଲିଥିଲା । ସବୁଠାରୁ ବଡ଼ କଥା ହେଉଛି ହିନ୍ଦୁମାନେ ଧର୍ମାନ୍ତରୀକରଣରେ ଆଗ୍ରହୀ ସମ୍ପ୍ରଦାୟ ନଥିଲେ । ଅପର ପକ୍ଷ କଣ କଲା ତାହାକୁ ସେମାନେ ଗୁରୁତ୍ୱ ଦେଉନଥିଲେ ।

କିନ୍ତୁ ମୁସଲମାନମାନେ ଆଗ୍ରହୀ ଥିଲେ ଧର୍ମାନ୍ତରୀକରଣରେ ଓ ଧର୍ମାନ୍ତରିତ ଗୋଷ୍ଠୀ ସୃଷ୍ଟି କରିବାରେ । ପ୍ରକୃତରେ ପ୍ରାୟ ସବୁ ମୁସଲମାନ ହିନ୍ଦୁଙ୍କର ହିଁ ଦାୟାଦ ଥିଲେ । ମୁଷ୍ଟିମେୟ କିଛି ବାହାରୁ ଆସିଥିଲେ ।"

Arnold: "ତେଣୁ ସେମାନେ ଧର୍ମାନ୍ତରୀକରଣରେ ସଫଳ ହେଉଥିଲେ ।"

**ନେହେରୁ:** "ହଁ, କିନ୍ତୁ ବହୁତ ସୀମିତ, ଆପେକ୍ଷିକ ଭାବେ କମ । ଶହ ଶହ ବର୍ଷ ପରେ ମଧ୍ୟ ଜନସଂଖ୍ୟାର ଏକ ଚତୁର୍ଥାଂଶଠାରୁ କମ ଲୋକଙ୍କର ଧର୍ମାନ୍ତରଣ ହୋଇଛି ।"

Arnold: "ଭାରତରେ ବର୍ତ୍ତମାନ ମୁସଲମାନଙ୍କ ସଂଖ୍ୟା କେତେ ?"

**ନେହେରୁ:** "ମୁଁ ସଠିକ ଜାଣି ନାହିଁ । କିନ୍ତୁ ମନେ ହୁଏ ୫କୋଟିରୁ କିଛି ଅଧିକ ।"

Arnold: "ଏହାର ଅର୍ଥ ଆପଣଙ୍କର ଦେଶ ମୁସଲମାନ ଜନସଂଖ୍ୟାରେ ଦ୍ୱିତୀୟ ବା ତୃତୀୟ ସବୁଠାରୁ ବଡ଼ ଦେଶ ?"

**ନେହେରୁ:** "ତୃତୀୟ ବଡ଼ ଦେଶ ।"

Arnold: "ଏହା ଜଣେ ବାହାର ଲୋକ ପାଇଁ ବୁଝିବା ବେଶ କଠିନ, ଶ୍ରୀଯୁକ୍ତ ନେହେରୁ, ଯେ ବିଭାଜନର ଭିତ୍ତି କଣ ହୋଇପାରେ । ଯଦି ହିନ୍ଦୁ ମୁସଲମାନ ମଧ୍ୟରେ ଦୂରତା ଭିତ୍ତି ହୁଏ, ତାହାହେଲେ ଏବେ ବି ଭାରତରେ ଯେ ୫କୋଟିରୁ ଅଧିକ ମୁସଲମାନ ଅଛନ୍ତି ।"

**ନେହେରୁ:** "କିପରି ସେମାନଙ୍କୁ ତୁମେ ଅଲଗା କରିବ ? ସେମାନେ ଗାଁରେ ରୁହନ୍ତି । ସେମାନେ ଯେଉଁଠି ରୁହନ୍ତି ତାହା ଗୋଟିଏ ସଘନ ଅଂଚଳ ନୁହେଁ । ଯେଉଁଠି ବହୁଳସଂଖ୍ୟାରେ ମୁସଲମାନ ଅଛନ୍ତି । ତାହା ଆଜିର ପାକିସ୍ଥାନ । କିନ୍ତୁ ଭାରତର ଗାଁମାନଙ୍କରେ ମୁସଲମାନ ଏବଂ ହିନ୍ଦୁ ଏକ ସଙ୍ଗରେ ରହୁଛନ୍ତି । ତେଣୁ ସେମାନଙ୍କୁ ଅଲଗା କରିବା ଅର୍ଥ ଏକ ଜନସମୁଦାୟ ମଧ୍ୟରୁ ସେମାନଙ୍କର ମୂଳୋତ୍ପାଟନ । ଏହା ହିଁ ଏକ କାରଣ ଥିଲା ବିଭାଜନକୁ ବିରୋଧ କରିବାର ।"

Arnold: "ସେଭଳି କ୍ଷୁଦ୍ରବିଶ୍ୱ (microcosm) ଆପଣଙ୍କର କାଶ୍ମୀରରେ ନାହିଁ କି ?"

**ନେହେରୁ:** "ନା ସେହି ଅର୍ଥରେ ନୁହେଁ । କାରଣ କାଶ୍ମୀରରେ ମୁସଲମାନ ବହୁସଂଖ୍ୟକ ଥିଲେ ଏବଂ ଅଛନ୍ତି ।"

Arnold: "କିନ୍ତୁ ଏବେ ବି ଏହା ଗୋଟିଏ ମିଶ୍ରିତ ସମୁଦାୟ ।"

**ନେହେରୁ:** "ହଁ , ଏହା ଗୋଟିଏ ମିଶ୍ରିତ ସମୁଦାୟ । କିନ୍ତୁ କାଶ୍ମୀରରେ, କାଶ୍ମୀର ଉପତ୍ୟକାରେ ମୁସଲମାନ ହେଉଛନ୍ତି ସଂଖ୍ୟାଗରିଷ୍ଠ ।"

Arnold: "ତଥାପି ଏହି ରାଜ୍ୟ ଯାହା ଥିଲା ଏକ ଦେଶୀୟ ରାଜ୍ୟ, ପାକିସ୍ଥାନ ସହ ନୁହେଁ ବରଂ ଭାରତ ସହ ଯୋଡ଼ି ହେବାପାଇଁ ସମ୍ମତ ହେଲା ।"

**ନେହେରୁ:** "ହଁ, ସମ୍ମତ ହେଲା ଯେତେବେଳେ ପାକିସ୍ଥାନ ଭାରତକୁ ଆକ୍ରମଣ କଲା ବା ପାକିସ୍ଥାନ ଆଦିବାସୀ ଲୋକଙ୍କୁ ଭାରତ ଆକ୍ରମଣରେ ସାହାଯ୍ୟ କଲା ।"

Arnold: "ଆପଣ କହୁଛନ୍ତି ଯେ ଭାରତର ସେହି ଅଂଚଳକୁ ଯେଉଁଠି ଜାମ୍ମୁ ଏବଂ କାଶ୍ମୀର ଥିଲା ?"

**ନେହେରୁ:** "ହଁ, ଜାମ୍ମୁ ଏବଂ କାଶ୍ମୀର । କାଶ୍ମୀରର ଲୋକେ ଏହି ଆକ୍ରମଣକୁ ବିରୋଧ କରିଥିଲେ । ଅର୍ଥାତ୍ କେବଳ ସେଠାରେ ଥିବା ମହାରାଜା ନୁହନ୍ତି ଅନ୍ୟମାନେ ମଧ୍ୟ, ଯେପରି ଜାତୀୟ କନଫରେନ୍ସ (National Conference) ଯାହା ପ୍ରାୟ ଜାତୀୟ କଂଗ୍ରେସର ଏକ ଅଂଶ ଥିଲା, ବିରୋଧ କରିଥିଲେ ।"

Arnold: "ଅର୍ଥାତ୍ ମୁସଲମାନମାନେ ବିରୋଧ କରିଥିଲେ ।"

**ନେହେରୁ:** "ହଁ, ମୁସଲମାନମାନେ ନିଜେ ବିରୋଧ କରିଥିଲେ । ତାପରେ ସେମାନେ ଚାହିଁଲେ ଭାରତ ସହିତ ଯୋଡ଼ିହେବାକୁ । ଉଭୟ ମହାରାଜା ଏବଂ ଜାତୀୟ କନଫରେନ୍ସ (National Conference) ସେଠାରେ ଉପସ୍ଥିତ ଥିଲେ । ଏବଂ ଆମେ ରାଜିହେଲୁ । ଏହା ପୂର୍ବରୁ ଆମେ ସନ୍ଦେହରେ ଥିଲୁ ଯେ ସେମାନେ କେଉଁ ପଟକୁ ଢଳିବେ । ସେମାନେ ରାଜି ହେଲେ ଏବଂ ତାପରେ ଆଦିବାସୀ ଆକ୍ରମଣକାରୀଙ୍କଠାରୁ ସେମାନଙ୍କୁ ସୁରକ୍ଷା ଦେବା ପାଇଁ, ଆମକୁ ସୈନ୍ୟ ପଠାଇବାକୁ ପଡ଼ିଲା । ପ୍ରାୟ ବର୍ଷେ , ଚଉଦମାସ ଯାଏ ଏପରି ଚାଲିଲା । ତାପରେ ହେଲା ଯୁଦ୍ଧ ବିରତି ।

Arnold: ସେତେବେଳେ, ଶ୍ରୀଯୁକ୍ତ ନେହେରୁ, କାଶ୍ମୀର ଲୋକଙ୍କ ମଧ୍ୟରେ ଜନମତ ସଂଗ୍ରହ(plebiscite) କଥା ଉଠିଥିଲା କି ?

**ନେହେରୁ:** "ସେପରି କିଛି କଥାବାର୍ତ୍ତା ହୋଇ ନଥିଲା । ମୁଁ ଭାବୁନାହିଁ  ଜନମତ ସଂଗ୍ରହ (plebiscite) ପଦର ମୁଁ ବ୍ୟବହାର କରିଥିଲି, କିନ୍ତୁ ଘୋଷଣା କରିଥିଲି ଯେ କାଶ୍ମୀରର ଲୋକେ ସ୍ଥିରକରିବେ ସେମାନେ କେଉଁ ଆଡ଼କୁ ଯିବେ । ଏହା ସତ୍ତ୍ୱେ ପାକିସ୍ଥାନର ନେତାମାନେ ଏହାକୁ ପ୍ରତ୍ୟାଖାନ କଲେ । ଜାତିସଂଘ ଏହା ଭିତରେ ପଶିଲା । ଏବଂ ସେମାନେ ଏକ ପ୍ରସ୍ତାବ ଦେଲେ ଯେଉଁଥିରେ ଅବଶ୍ୟ ଜନମତ ସଂଗ୍ରହ (plebiscite)ର ଉଲ୍ଲେଖ ହୋଇଥିଲା । କିନ୍ତୁ ଏହି ପ୍ରସ୍ତାବରେ ଥିଲା କେଉଁ କେଉଁ ସର୍ତ୍ତର ପାଳନ କରାଯିବ ଜନମତ ସଂଗ୍ରହ ପୂର୍ବରୁ । ସର୍ତ୍ତଗୁଡିକ ମଧ୍ୟରୁ ଗୋଟିଏ ଥିଲା ଯେ ପାକିସ୍ଥାନ କାଶ୍ମୀରରୁ  ତାର ସୈନ୍ୟକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାହାର କରିବ । ଭାରତ ତାର ସୈନ୍ୟ ଉପସ୍ଥିତିକୁ ହ୍ରାସ କରିବ କାରଣ କାଶ୍ମୀର ଭାରତ ସହ ମିଶି ଯାଇଥିବାରୁ ସେଠାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାର ଦାୟିତ୍ୱ ଥିଲା ଭାରତର । ତେଣୁ ଭାରତର ସୈନ୍ୟ କାଶ୍ମୀରରେ ରହିବେ, ଅବଶ୍ୟ କମ୍ ସଂଖ୍ୟାରେ । କିନ୍ତୁ ସେହିଦିନ ଠାରୁ ପାକିସ୍ଥାନ ସେ ଅଂଚଳରୁ ତାର ସୈନ୍ୟ ଅପସାରିତ କରିନାହିଁ । ଏବଂ ଯେହେତୁ ତାହା ହେଲା ନାହିଁ ତେଣୁ ଜନମତ ସଂଗ୍ରହ(plebiscite)ର ପ୍ରଶ୍ନ ଉଠିଲା ନାହିଁ । ବର୍ଷେ , ଦୁଇ ବର୍ଷ ଅପେକ୍ଷା କରିବା ପରେ, ଜାମ୍ମୁ ଏବଂ କାଶ୍ମୀର ଚାହିଁଲା ସେମାନଙ୍କର ଏକ ସମ୍ବିଧାନ ହେଉ । ସେମାନେ ଏକ ସମ୍ବିଧାନ ସଭାର ଗଠନ କଲେ, ତାଙ୍କ ଅଂଚଳର ଲୋକମାନଙ୍କ ଦ୍ୱାରା ନିର୍ବାଚିତ ସଭ୍ୟମାନଙ୍କୁ ନେଇ । ଏହି ସମ୍ବିଧାନ ସଭା ଭାରତ ସହ ମିଶ୍ରଣକୁ ସ୍ୱୀକୃତି ଦେଲା ଏବଂ କିଛି ସଂସ୍କାର, ଭୂସଂସ୍କାର ନୀତି ପ୍ରଣୟନ କଲା ଯାହା ବେଶ ସୁଦୂରପ୍ରସାରୀ ଥିଲା । ଗତ ବାର ବା ସେହିଭଳି କିଛି ବର୍ଷରେ ଆମର ତିନୋଟି ସାଧାରଣ ନିର୍ବାଚନ ହୋଇଯାଇଛି । ସାବାଳକ ଭୋଟଦ୍ୱାରା ନିର୍ବାଚନ ପରେ ସେଠାରେ ବିଧାନସଭାର ଗଠନ ହୋଇଛି ଏବଂ କାର୍ଯ୍ୟ କରୁଛି । ଜଣେ ନିର୍ବାଚନ କମିଶନରଙ୍କ ତଦାରଖରେ ନିର୍ବାଚନ ସଂଚାଳିତ ହେଉଛି ଯେପରିକି ନିର୍ବାଚନ ପ୍ରକ୍ରିୟା ସ୍ୱଚ୍ଛ ଓ ନିରପେକ୍ଷ ହେବ । ନିର୍ବାଚନ କମିଶନର, ସରକାରଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରନ୍ତି ନାହିଁ । ସେ ଯାହା ଚାହିଁବେ ତାହା କରିପାରିବେ । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ସେହିଦିନଠାରୁ ରାଜ୍ୟର ସ୍ୱାୟତ୍ତତା ରହିଛି । ଏବଂ ସେମାନେ ରାଜ୍ୟ ସରକାରକୁ ଚଳାଉଛନ୍ତି ।"

Arnold: "କାହିଁକି ଗତ କେତେବର୍ଷ ହେଲା ଜନମତ ସଂଗ୍ରହ (plebiscite)କୁ ଭାରତ ମନା କରି ଚାଲିଛି ?"

**ନେହେରୁ:** "ମୁଁ ଆରମ୍ଭ କରିବି ଏହା କହି ଯେ ଯେଉଁ ତିନୋଟି ସାଧାରଣ ନିର୍ବାଚନ ଗତ ବାରବର୍ଷ ଭିତରେ ହୋଇଛି, ସେ ଗୁଡିକ ନିଜେ ନିଜେ ହେଉଛନ୍ତି ଏକପ୍ରକାର ଜନମତ ସଂଗ୍ରହ ପ୍ରକ୍ରିୟା । ଦ୍ୱିତୀୟତଃ, ଏହି ଭଳି ଜନମତ ସଂଗ୍ରହରେ ବା ନିର୍ବାଚନରେ ଯଦି ପାକିସ୍ଥାନରୁ ଲୋକଙ୍କୁ  କାଶ୍ମୀରକୁ ଆସିବାକୁ ଦିଆଯାଏ, ସେମାନଙ୍କୁ ଏଠାରେ ରଖିବା କଷ୍ଟକର ହେବ । ସେମାନଙ୍କ ମଧ୍ୟରେ ଏକ ପ୍ରବଣତା ଅଛି ଏପଟକୁ ଆସିବା ପାଇଁ  କାରଣ ଏପଟେ ଆର୍ଥିକ ସ୍ଥିତି ଆରପଟ ଅପେକ୍ଷା ଭଲ । ସେମାନଙ୍କର ନିଷ୍ପତ୍ତିର ପରିଣତିକୁ ନେଇ ଆମ ଭିତରେ ଆଶଙ୍କା ସୃଷ୍ଟି ହୁଏ କାରଣ ସେ ମତବ୍ୟକ୍ତର ଆଧାର ରାଜନୈତିକ ବା ଅର୍ଥନୈତିକ ହେବ ନାହିଁ ବରଂ ଧର୍ମ ହେବ ଆଧାର । କାଶ୍ମୀରରେ ଏହାର ଫଳ ଭୟଙ୍କର ହେବ ଏବଂ ଅବଶିଷ୍ଟ ଭାରତରେ ମଧ୍ୟ ।"

Arnold: "ଏହାର ଅର୍ଥ କଣ, ଶ୍ରୀଯୁକ୍ତ ନେହେରୁ ?"

**ନେହେରୁ:** "ମୋର କହିବା କଥା ଯେ ଯଦି ସେମାନେ ଧର୍ମ ଆଧାରରେ ତାଙ୍କର ମତଦାନ କରନ୍ତି, ତାହା ହେଲେ ଗୋଟିଏ ଦେଶର ଲୋକ ଏବଂ ଧର୍ମ ବାହାରକୁ ଠେଲି ହୋଇଯିବେ । ଲୋକଙ୍କ ମନରେ ଏହା ଭୟ ସୃଷ୍ଟି କରିବ ଯେ ପୁଣି ଦେଶାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଯିବ କି ଯେପରି ପ୍ରଥମେ ଭାରତ ଏବଂ ପାକିସ୍ଥାନରେ ହୋଇଥିଲା ? ଏହା ଉଭୟ ଦେଶରେ ଗଣ୍ଡଗୋଳ ସୃଷ୍ଟି କରିବ । ହିନ୍ଦୁ ମୁସଲମାନ ମଧ୍ୟରେ ବିଭାଜନ ଦେଖାଯିବ । ଏବଂ ଭାରତର ଅନେକ ଗାଁ ଏବଂ ସହରରେ ରହୁଥିବା ମୁସଲମାନମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହେବ । ସେମାନେ ନିଜକୁ ଭାରତର ପରିପୂର୍ଣ୍ଣ ନାଗରିକ ବୋଲି ଅନୁଭବ କରିବେ ନାହିଁ ।"

Arnold: "ସେମାନଙ୍କ ପ୍ରତି ବ୍ୟବହାର ପରିପୂର୍ଣ୍ଣ ନାଗରିକ ପରି ହେଉଛି, ସରକାରରେ ସେମାନଙ୍କର ପ୍ରତିନିଧିତ୍ୱ କେତେ ?"

**ନେହେରୁ:** "ଆମର ଉପରାଷ୍ଟ୍ରପତି ଜଣେ ବହୁତ ପ୍ରତିଷ୍ଠିତ ମୁସଲମାନ ବିଦ୍ୱାନ । ଆମ ମନ୍ତ୍ରିମଣ୍ଡଳରେ ଦୁଇଜଣ ମୁସଲମାନ ସଦସ୍ୟ ଅଛନ୍ତି । ସରକାରରେ ଅନ୍ୟ ସଦସ୍ୟ ମଧ୍ୟ ଅଛନ୍ତି । ଆମର ରାଷ୍ଟ୍ରଦୂତ ଅଛନ୍ତି ଯେଉଁମାନେ ମୁସଲମାନ । ସୈନ୍ୟବାହିନୀରେ ମଧ୍ୟ ଅନେକ ମୁସଲମାନ ଅଧିକାରୀ ଅଛନ୍ତି ।"

Arnold: "ଉଚ୍ଚ ପଦବୀରେ ?"

**ନେହେରୁ:** "ମୁଁ ନିଶ୍ଚିତ କରି କହିପାରିବି ନାହିଁ, କେତେ ଜଣ ଅଛନ୍ତି । କିନ୍ତୁ କିଛି ଉଚ୍ଚ ପଦବୀରେ ଅଛନ୍ତି । ଆପଣ ଦେଖନ୍ତୁ ଦେଶ ବିଭାଜନ ଥିଲା ଏକ ଅସାଧାରଣ ଘଟଣା । ଏହାଦ୍ୱାରା ପରିବାରଗୁଡ଼ିକ ବିଚ୍ଛିନ୍ନ ହୋଇଗଲା । ଭାରତରେ ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ସମ୍ପର୍କୀୟମାନେ ଆର ପଟେ ରହିଛନ୍ତି, ଏବଂ ସେହିଭଳି ସେପଟର ଏପଟେ ଅଛନ୍ତି । ଦୃଷ୍ଟାନ୍ତ ଅଛି ବିଦେଶରେ ଥିବା ଆମର ମୁସଲମାନ ରାଷ୍ଟ୍ରଦୂତଙ୍କର ଭାଇ ସେହି ଦେଶରେ ପାକିସ୍ତାନ ତରଫରୁ ରାଷ୍ଟ୍ରଦୂତ ହୋଇଛନ୍ତି । ସୈନ୍ୟବାହିନୀରେ ଏଠାକାର ଜେନେରାଲଙ୍କର ଭାଇ ବା ସମ୍ପର୍କୀୟ ଭାଇ ସେପଟେ ଜେନେରାଲ ହୋଇଛନ୍ତି ।"

Arnold: "ତେବେ ଶ୍ରୀଯୁକ୍ତ ନେହେରୁ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ସମସ୍ୟାର ମୂଳରେ କାଶ୍ମୀର ତ ନିଶ୍ଚିତ ରହିଛି । କିନ୍ତୁ ତାହା ଏକମାତ୍ର ସମସ୍ୟା ନୁହେଁ । ଆପଣଙ୍କର ଓ ଆପଣଙ୍କ ପ୍ରତିବେଶୀ ମଧ୍ୟରେ ସମସ୍ୟା ଗୁଡିକର ସମାଧାନକୁ ଆପଣ କିପରି ଦେଖୁଛନ୍ତି ଯେତେବେଳେ ଦୁହିଁଙ୍କ ମଧ୍ୟରେ ମନୋମାଳିନ୍ୟ ବେଶ ତୀବ୍ର ଏବଂ ଯେତେବେଳେ ଏହା ହ୍ରାସ ପାଇବାର କୌଣସି ସମ୍ଭାବନା ଦିଶୁ ନାହିଁ ?"

**ନେହେରୁ:** "ଆମେ ବହୁବାର ପ୍ରସ୍ତାବ ରଖିଛୁ ଯେ ଆମେ ଘୋଷଣା କରିବା ଯେ ଆମେ ପରସ୍ପର ସହ ଯୁଦ୍ଧ କରିବା ନାହିଁ । ଏହା ସମସ୍ୟାର ସମାଧାନ କରିବ ନାହିଁ, କିନ୍ତୁ ସମସ୍ୟାଗୁଡିକୁ ବିଚାର କରିବା ପାଇଁ ଏକ ଭଲ ପରିବେଶ ସୃଷ୍ଟି କରିବ । ପାକିସ୍ତାନ ଏପରି ଘୋଷଣା ପାଇଁ ରାଜି ହେଉ ନାହିଁ।"

Arnold: "କାହିଁକି, କେଉଁ ଆଧାରରେ ?"

**ନେହରୁ:** "ମୁଁ ଜାଣି ନାହିଁ । ମୋର ଧାରଣା ସେମାନେ ଭାବୁଛନ୍ତି ଯେ ଯଦି ପରସ୍ପର ସହ ଯୁଦ୍ଧ ନ କରିବାର ଘୋଷଣା ହୁଏ ତାହାହେଲେ ସ୍ଥିତି ଯେମିତି ଥିଲା ସେହି ଅବସ୍ଥାରେ ରହିଯିବ ଓ ଅନ୍ୟ ବିଷୟମାନଙ୍କରେ ଆଲୋଚନା ବନ୍ଦ ହୋଇଯିବ । ଆମେ ତାଙ୍କୁ କହିଛୁ ଯେ ସେପରି କିଛି ହେବ ନାହିଁ ବରଂ ଆଲୋଚନା ଜାରି ରହିବ । କିନ୍ତୁ ଆମେ ଯୁଦ୍ଧଦ୍ୱାରା କୌଣସି ସମାଧାନ କରିପାରିବା ନାହିଁ । ଯଦି କୌଣସି ସମସ୍ୟା ଆସେ, ଆମେ ତାହାର ଆଲୋଚନା କରିବା । ଏବଂ ଅନ୍ୟ ବାଟରେ ନିଷ୍ପତ୍ତି ନେବା ।"

Arnold: "ମୁଁ ଜାଣିଛି ଆପଣ ଗତ କେତେବର୍ଷ ଭିତରେ ପାକିସ୍ତାନ ଯାଇଛନ୍ତି ।"

**ନେହେରୁ:** "ମୁଁ ପାକିସ୍ତାନରେ ବେଶ ଲୋକପ୍ରିୟ, ଏପରି କି ବିଭାଜନ ପୂର୍ବରୁ । ମୋ ମା ପାକିସ୍ତାନରୁ ଆସିଥିଲେ ।"

Arnold:"ଏପରି ନା କଣ ? କେଉଁ ଅଂଚଳରୁ ଆସିଥିଲେ ?"

**ନେହରୁ:** "ଲାହୋରରୁ । ସେ ଲାହୋରର ଥିଲେ । ପିଲାବେଳେ ମୁଁ ପାକିସ୍ତାନ ବହୁ ବାର ଯାଇଛି । ବର୍ତ୍ତମାନ ଗୋଟିଏ ଅସୁବିଧା ସୃଷ୍ଟି ହୋଇଛି -ପାକିସ୍ତାନ ଅଳ୍ପ ବହୁତେ ଚୀନ ଆଡ଼କୁ ଢଳିଛି । ପାକିସ୍ତାନର ଚୀନ ସହିତ ଘନିଷ୍ଠ ସମ୍ପର୍କ ବା ସେମାନେ ଚୀନ ସହିତ ଯେଉଁ ସୀମାନ୍ତ ଚୁକ୍ତି (Frontier Treaty) କରିଛନ୍ତି ସେଥିରେ ସେମାନେ ରାଜି ହୋଇଛନ୍ତି କାଶ୍ମୀରର ଗୋଟିଏ ଅଂଶ, ପଶ୍ଚିମ ଲଦାଖକୁ, ଚୀନକୁ ଦେବା ପାଇଁ । ଏପରି କରିବାର କୌଣସି ଅଧିକାର ସେମାନଙ୍କର ନାହିଁ ଯେତେବେଳେ କି ସେମାନେ ନିଜେ କହୁଛନ୍ତି ଯେ କାଶ୍ମୀର ବର୍ତ୍ତମାନ ମଧ୍ୟ ଅସମାହିତ ପ୍ରସଙ୍ଗ ।"

Arnold: "ଏବେ ଚୀନର କାର୍ଯ୍ୟ ଆପଣଙ୍କୁ ଏକ ବିରାଟ ଧକ୍କା । କାରଣ ମୋ ଜାଣିବାରେ ଆପଣ ବନ୍ଧୁତ୍ୱର ଶକ୍ତିକୁ ବହୁତ ଗୁରୁତ୍ୱ ଦେଉଥିଲେ । ମୁଁ ଜାଣେ ଚୀନ ପ୍ରତି ଯେପରି ବନ୍ଧୁତ୍ୱ ଆପଣ ବ୍ୟକ୍ତ କରିଥିଲେ ଏବଂ ଏଥିପାଇଁ ବିଶ୍ୱର ବିଭିନ୍ନ ଦେଶଦ୍ୱାରା, ଆମ ଦେଶ ସମେତ, ବହୁତ ସମାଲୋଚିତ ହୋଇଥିଲେ । ଏପରି ବନ୍ଧୁତ୍ୱକୁ କାଏମ ରଖିବା ପାଇଁ ପ୍ରଚେଷ୍ଟା ମଧ୍ୟରେ, କାହିଁକି ଚୀନ ଏପରି କଲା ?"

**ନେହେରୁ:** "ମୁଁ କଣ କହିବି ସେମାନେ କାହିଁକି ଏପରି କଲେ । କିନ୍ତୁ ଗତବର୍ଷ ପୂର୍ବରୁ ଯେତେବେଳେ ସେମାନେ କିଛିବର୍ଷ ଧରି ପ୍ରକୃତରେ ବ୍ୟାପକ ଆକ୍ରମଣ ଚଳାଇଥିଲେ, ସେତେବେଳେ ଆମ ସମ୍ପର୍କ ଅଧିକରୁ ଅଧିକ ଉତ୍ତେଜନାପୂର୍ଣ୍ଣ ହେଉଥିଲା । ଅନ୍ଧକାରରେ ସେମାନେ କ୍ରମଶଃ ପଶିବାରେ ଲାଗିଥିଲେ । କାହିଁକି ଗତବର୍ଷ ସେମାନେ ଏପରି କଲେ ? ମୋର ମନେ ହୁଏ ସେମାନେ ମୁଖ୍ୟତଃ ଆମ ଉପରେ ଅସନ୍ତୁଷ୍ଟ ହେଲେ କାରଣ ତିବ୍ବତରୁ ପଳାଇ ଆସିଥିବା ୩୦,୦୦୦ ଶରଣାର୍ଥୀଙ୍କୁ ଆମେ ଆଶ୍ରୟ ଦେଇଥିଲୁ, ସେମାନଙ୍କୁ ସାହାଯ୍ୟ କରିଥିଲୁ । ଏହାଛଡ଼ା ସେମାନେ ଚାହୁଁଥିଲେ ଜଣାଇବାକୁ ଯେ ଏସିଆରେ ସେମାନେ ହେଉଛନ୍ତି ମୁଖିଆ (don), ଯାହା ଏସିଆର ପ୍ରତ୍ୟେକ ବ୍ୟକ୍ତି ଓ ଦେଶ ମନେରଖିବା ଉଚିତ ।"

Arnold: "ଶତାବ୍ଦୀ ଶତାବ୍ଦୀ ଧରି ଚୀନଶକ୍ତିର ଏକ ଜୀବନ୍ତ ପ୍ରବାହ ଚାଲିଛି । ଆପଣ ସେମାନଙ୍କ ମନୋଭାବରେ ନିଜକୁ ଶ୍ରେଷ୍ଠ ମନେ କରିବାର ମାନସିକତା (superiority complex) ଦେଖୁଛନ୍ତି କି ?"

**ନେହେରୁ:** "ହଁ, ଏହା ସେମାନଙ୍କଠାରେ ବେଶ ରହିଛି । ରହିଥିଲା ମଧ୍ୟ ଯଦିଓ ସେପରି ଶକ୍ତଶାଳୀ ଭାବରେ ନୁହେଁ । ସେମାନେ ଅନ୍ୟମାନଙ୍କୁ ତାଙ୍କ ତୁଳନାରେ ଅସଭ୍ୟ- ଅସଂସ୍କୃତ ମନେ କରନ୍ତି ।"

Arnold: "କିନ୍ତୁ ଚୀନ ଭଳି ଏକ ଶକ୍ତିଶାଳୀ ଦେଶ ସହିତ ଆପଣ କଣ କରିବେ, ଏହି ଆଣବିକ ଯୁଗରେ ? ସଂଘର୍ଷ ତ ଅବଶ୍ୟମ୍ଭାବୀ ଯଦି ସେମାନଙ୍କୁ ଅଟକା ନଯାଏ(contained)। ଆପଣ କିପରି ଏହା କରିବେ ?"

**ନେହେରୁ:** "ଆମେ ନିଜର ଶକ୍ତିକୁ ବଢ଼ାଇବୁ, ସଂଘର୍ଷକୁ ଆଡ଼େଇବା ପାଇଁ, ଏବଂ ତଥାପି ଯଦି ଏହା ଆସେ, ତାହାହେଲେ ଏହାର ମୁକାବିଲା ପାଇଁ ।"

Arnold: "ଆପଣ କଣ ଭାବୁଛନ୍ତି ଯଥା ସମୟରେ ଆପଣ ଆପଣଙ୍କର ସାମରିକ ଶକ୍ତିକୁ ବିକଶିତ କରିପାରିବେ ?"

**ନେହେରୁ:** "ଆମ ସୀମାନ୍ତଠାରୁ କେନ୍ଦ୍ରୀୟ ଚୀନର ଦୂରତା ଦେଖିଲେ, ମୁଁ କହିବି ସେମାନଙ୍କୁ ଯୁଦ୍ଧ ସଂରଜାମ ଆମ ସୀମାନ୍ତକୁ ଆଣିବାକୁ ପଡିବ କେତେ ହଜାର କିଲୋମିଟର ଦୂରତାରୁ । କିନ୍ତୁ ଆମକୁ ସେପରି ଦୂରତା ଅତିକ୍ରମ କରିବାକୁ ପଡ଼ିବ ନାହିଁ । ତେଣୁ ଆମେ ନିଜକୁ ରକ୍ଷା କରିପାରିବୁ । ଆମର ଉଦ୍ଦେଶ୍ୟ ନୁହେଁ ଚୀନକୁ ଆକ୍ରମଣ କରିବା । ଆପଣ ଜାଣନ୍ତି ଏହା ଆମର ଚିନ୍ତା ବିରୋଧରେ । କିନ୍ତୁ ଆମେ ତାଙ୍କର ଭାରତକୁ ଆସିବା ବନ୍ଦ କରିଦେଇ ପାରିବୁ ।"

Arnold: "ବର୍ତ୍ତମାନ ଯଦି ସେମାନଙ୍କର ନିଜକୁ ଶ୍ରେଷ୍ଠ ମନେ କରିବାର ମାନସିକତା (superiority complex) କାଏମ ରହେ ଏବଂ ସେମାନଙ୍କର ଶକ୍ତି ବୃଦ୍ଧିହୁଏ, କେବଳ ଭାରତ ତୁଳନାରେ ନୁହେଁ ବରଂ ଆଣବିକ ଦୃଷ୍ଟିରୁ, ଆପଣ ଭବିଷ୍ୟତରେ ଏହାକୁ ଅଟକାଇବାର କୌଣସି ସମ୍ଭାବନା ଦେଖୁଛନ୍ତି କି? ଆପଣ ଭାବନ୍ତି କି ଯୁକ୍ତରାଷ୍ଟ୍ର ଏବଂ ସୋଭିଏତ ସଂଘ, ଭାରତ ସହିତ ସେମାନଙ୍କୁ ଅଟକାଇ ପାରିବ ?"

**ନେହେରୁ:**"ମୁଁ କହିପାରିବି ନାହିଁ କେତେ ଦୂରକୁ ଏହା ଯିବ ଭବିଷ୍ୟତରେ, କିନ୍ତୁ ସେମାନେ ବିପଜ୍ଜନକ ସେ ଦୃଷ୍ଟିରୁ । ମୁଁ ମନେ କରେ ଆଜିର ସମସ୍ୟା ହେଉଛି ଖାଦ୍ୟ, ଲୋକଙ୍କ ପାଇଁ ଏହା ଆଣିବାକୁ ପଡୁଛି ଅଷ୍ଟ୍ରେଲିଆ, କାନାଡ଼ା ଏବଂ ଅନ୍ୟ ଅଂଚଳରୁ, ଏବଂ ସେମାନଙ୍କର ଜନସଂଖ୍ୟା ଆମଠାରୁ ବହୁତ ଦ୍ରୁତଗତିରେ ବଢୁଛି । ଏହା ଆମର ମଧ୍ୟ ସମସ୍ୟା, କିନ୍ତୁ ସେମାନଙ୍କ ପାଇଁ ଏହା ଅଧିକ । ଏବଂ ବୋଧହୁଏ ଏହି ସମସ୍ୟା ସେମାନଙ୍କୁ ଅଧିକ ଶାନ୍ତ କରିବ ।"

Arnold: "ସେମାନଙ୍କର ଆକ୍ରମଣ ସତ୍ତ୍ୱେ, ସମାଧାନ କରିବା ପାଇଁ ସେମାନଙ୍କର ଅନିଚ୍ଛା ସତ୍ତ୍ୱେ, ସେମାନଙ୍କୁ ଜାତିସଂଘରେ ପ୍ରବେଶ ପାଇଁ ଆପଣ ତ ସମର୍ଥନ କରୁଛନ୍ତି ?"

**ନେହେରୁ:** "ହଁ, ମୁଁ ସମର୍ଥନ କରୁଛି । କାରଣ ସେମାନେ ବାହାରେ ରହିଲେ, ଚୀନ ସହିତ ନିରସ୍ତ୍ରୀକରଣ ସମ୍ପର୍କରେ ରାଜିନାମା କିପରି ସମ୍ଭବ ହେବ? ବିଶେଷ ଭାବରେ ଯଦି ସେମାନେ ଜାତିସଂଘରେ ରହିବେ ତାହାହେଲେ, ମୁଁ ମନେ କରେ, ବହୁ ବଡ଼ ବଡ଼ ପ୍ରସଙ୍ଗରେ ମତାନ୍ତର, ଭବିଷ୍ୟତରେ, କିଛି ପରିମାଣରେ ହ୍ରାସ ପାଇବ । ଏବେ କଣ ହୋଇଛି ? ବହୁ ପଶ୍ଚିମା ଦେଶ ଯେପରି ଇଂଲଣ୍ଡ, ଫ୍ରାନ୍ସ ଏବଂ ଅନ୍ୟମାନେ ସେମାନଙ୍କ ସହ ବାଣିଜ୍ୟିକ ସମ୍ପର୍କ ବଢ଼ାଉଛନ୍ତି ।"

Arnold: "ଆପଣ କଣ ଏହାକୁ ସମର୍ଥନ କରନ୍ତି ?"

**ନେହେରୁ:** "ମୁଁ ଏହାକୁ ସମର୍ଥନ କରେନା । ସ୍ପଷ୍ଟଭାବରେ କହିଲେ, ମୁଁ ଚାହେଁନା ଏହି ଦେଶମାନଙ୍କର ବାଣିଜ୍ୟିକ ସମ୍ପର୍କ । ଏହା ଚୀନକୁ ସମର୍ଥନ କରିବ । କିନ୍ତୁ ମୁଁ ଚାହେଁନା ଯେ ଚୀନର ଲୋକେ କ୍ଷୁଧାରେ ମରନ୍ତୁ ।"

Arnold: "ଏହି କଥାକୁ ମୁଁ ଆସୁଥିଲି । ମୁଁ ଜାଣେ ଯେ ଆପଣ ଏହି ଭଳି କିଛି କହିବେ, ଶ୍ରୀଯୁକ୍ତ ନେହେରୁ । କାରଣ ତାହା ହିଁ ଆପଣଙ୍କ ଜୀବନର ଉଦାହରଣ ।"

**ନେହେରୁ:** "ହଁ, କିନ୍ତୁ ମୁଁ ଚାହେଁ ନା ଯେ ସେମାନଙ୍କ ପାଖକୁ ଯୁଦ୍ଧ ସାମଗ୍ରୀ ଯାଉ । ସେଇଥିପାଇଁ ସେମାନେ ଶକ୍ତିଶାଳୀ ହେଉଛନ୍ତି, ଏହି ଆଣବିକ ଯୁଗରେ । ପ୍ରକୃତରେ ଦେଖିଲେ, ଏବଂ ମୁଁ ଭାବେ, ଭାରତରେ ଆମେ ଆଣବିକ ଶକ୍ତିରେ ବେଶ ଆଗୁଆ ।"

Arnold: "ପ୍ରକୃତରେ !"

**ନେହେରୁ:** "ଆଜି ହିଁ କାନାଡ଼ା ସହିତ ଏକ ରାଜିନାମା ଦସ୍ତଖତ ସମୟରେ ମୁଁ ଉପସ୍ଥିତ ଥିଲି ।"

Arnold: "କେଉଁ ଆଧାରରେ ?"

**ନେହେରୁ:** "ନାଗରିକ ଉଦ୍ଦେଶ୍ୟ(civil purposes)ରେ ଆଣବିକ ଶକ୍ତି କେନ୍ଦ୍ର (civil station for atomic energy)ର ସ୍ଥାପନା । କିଛି ଦିନ ପୂର୍ବେ ଆଉ ଏକ ରାଜିନାମା ସ୍ୱାକ୍ଷରିତ ହୋଇଥିଲା ଯୁକ୍ତରାଷ୍ଟ୍ର ଆମେରିକା ସହିତ ଆଉ ଏକ କେନ୍ଦ୍ରର ସ୍ଥାପନା ପାଇଁ । ଆମର ବହୁ ଉତ୍କୃଷ୍ଟ ତରୁଣ ବୈଜ୍ଞାନିକ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଅନେକେ ସେମାନଙ୍କ ମଧ୍ୟରୁ ବେଶ ମେଧାବୀ । କିନ୍ତୁ ଆମେ ସଙ୍କଳ୍ପବଦ୍ଧ ଯେ ଏହାକୁ ପରମାଣୁ ବୋମା ତିଆରିରେ ବ୍ୟବହାର କରିବୁ ନାହିଁ । ଯଦି ଚୀନ ପାଖରେ ଏହା ଥାନ୍ତା ତାହାହେଲେ କଣ ହୋଇଥାନ୍ତା, ତାହା ଅନୁମାନ କରାଯାଇ ପାରେ । ତେବେ ଏହା ଦୀର୍ଘ ସମୟ ନେବ । ଯଦି ବା ସେମାନେ ଆରମ୍ଭରେ ଗୋଟିଏ ପାଆନ୍ତି, କିନ୍ତୁ ଯଥେଷ୍ଟ ପରିମାଣରେ ପାଇବା ପାଇଁ ତାଙ୍କୁ ବହୁ ବର୍ଷ ଲାଗିଯିବ ।"

Arnold: "ଆପଣ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ୟୁନିଅନ ମଧ୍ୟରେ ବର୍ତ୍ତମାନ ସମ୍ପର୍କ ବିଷୟରେ କଣ ଅନୁଭବ କରନ୍ତି ?"

**ନେହେରୁ:** "ଏହା ନିଶ୍ଚିତ ଭାବେ ପୂର୍ବାପେକ୍ଷା ଭଲ । ଏବଂ ମୁଁ ଆଶା କରେ ଏହିପରି ହିଁ ଚାଲିବ, ଏବଂ ବିଭିନ୍ନ ପ୍ରସଙ୍ଗରେ ପରସ୍ପର ସହିତ ସମ୍ପର୍କ କ୍ରମଶଃ ବିକଶିତ ହେବ ।"

Arnold: "ଏହାର କେଉଁ ପ୍ରକାର ପ୍ରଭାବ ସାରା ବିଶ୍ୱରେ ତଥାକଥିତ ତଟସ୍ଥ (neutrals)ଙ୍କ ଉପରେ ପଡିବ ? ମୁଁ 'ତଥାକଥିତ' କହୁଛି କାରଣ ମୁଁ ଜାଣେ ଆପଣ ଏହି 'ତଟସ୍ଥ' ଶବ୍ଦକୁ ଭଲ ପାଆନ୍ତି ନାହିଁ ।"

**ନେହେରୁ:** "ମୁଁ କହିବି ଯେ ସେମାନେ ଏହାର ଅନୁମୋଦନ କରନ୍ତି । ଅଧିକାଂଶ ଏହା ଚାହାଁନ୍ତି, ସମସ୍ତଙ୍କ ବିଷୟରେ ମୁଁ ଜାଣେ ନାହିଁ । କାରଣ ଶେଷରେ ଯୁଦ୍ଧ ଏବଂ ଶାନ୍ତି, ବଡ଼ ଯୁଦ୍ଧ ଏବଂ ଶାନ୍ତି ଆଜି ନିର୍ଭର କରୁଛି ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ୟୁନିଅନ ଉପରେ । ଯୁଦ୍ଧ କହିଲେ ମୋର ଇଙ୍ଗିତ ଆଣବିକ ଯୁଦ୍ଧ ପ୍ରତି । ଏହିପରି ଯୁଦ୍ଧର ବିପଦକୁ ଯିଏ କମାଇ ପାରିବ, ତାହାର ସ୍ୱାଗତ ହେବା ଉଚିତ । ଏହା, ଅର୍ଥାତ୍ *ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ୟୁନିଅନ ମଧ୍ୟରେ ସୁସମ୍ପର୍କ* ହିଁ ଏହାକୁ କମାଇ ପାରିବ ।"

Arnold: "ଆପଣ କଣ ଭାବୁଛନ୍ତି ଯେ ଏହାଦ୍ୱାରା ଆଉ ଏକ ବାଙ୍ଗ୍‌ଡୁଙ୍ଗ ସମ୍ମିଳନୀର ଆବଶ୍ୟକତା ହ୍ରାସ ପାଉଛି ଯାହାକୁ ଏବେକା ସମୟରେ ବେଶ ଗୁରୁତ୍ୱ ଦିଆଯାଇଛି ?"

**ନେହେରୁ:** "ବାଙ୍ଗଡୁଙ୍ଗ ସମ୍ମିଳନୀ, ଆଜି ଯଦି ହୁଏ ତାହାହେଲେ ଏହା ସେଭଳି ସଫଳ ହେବ ନାହିଁ ଯେପରି ପ୍ରଥମଟି ହୋଇଥିଲା । କାରଣ ଯେଉଁ ଦେଶମାନେ ଆସିବେ ସେମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ଅନେକ । ଏହା ବ୍ୟତୀତ ଆଉ ଏକ ସମ୍ମିଳନୀ ହେଉଛି ବେଲଗ୍ରେଡ ସମ୍ମିଳନୀ ପରି ଗୋଷ୍ଠୀନିରପେକ୍ଷ ରାଷ୍ଟ୍ରଙ୍କ ସମ୍ମିଳନୀ । ଏହା ନିଶ୍ଚିତ ଉତ୍କୃଷ୍ଟତର । ଦେଶମାନଙ୍କ ମଧ୍ୟରେ ପରସ୍ପର ସହ କଥାବାର୍ତ୍ତା ଅନେକ ପ୍ରସଙ୍ଗରେ ହେବାର ସୁଯୋଗ ରହିଛି । କିନ୍ତୁ ଏହି ସମ୍ମିଳନୀରୁ ଚୀନ ଏବଂ ପାକିସ୍ଥାନକୁ ବାଦ ଦିଆଯିବା ଉଚିତ କାରଣ ଏମାନେ ଗୋଷ୍ଠୀ ନିରପେକ୍ଷ ନୁହନ୍ତି ।"

Arnold: "ଏଇଥିପାଇଁ ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ କେଉଁ ପ୍ରକାର ପ୍ରଭାବ, ଆପଣ ଭାବନ୍ତି, ପାକିସ୍ଥାନର ଚୀନ ସହିତ ସମ୍ପର୍କ ଆପଣଙ୍କ ପ୍ରତିବେଶୀ ଭାବେ ପାକିସ୍ଥାନ ଉପରେ ପକାଇବ ? ମୋର ମନେ ହୁଏ ପାକିସ୍ଥାନ କହିଥିବା ଯେ କାଶ୍ମୀର ସମସ୍ୟା ସମାଧାନ ହୋଇଗଲେ ମଧ୍ୟ, ଚୀନ ଆପଣଙ୍କୁ ଆକ୍ରମଣ କଲେ ସେ ଆପଣଙ୍କର ପ୍ରତିରକ୍ଷା ପାଇଁ ଠିଆ ହେବ ନାହିଁ ।"

**ନେହେରୁ:** "ହଁ, ସେମାନେ ସେହିଭିଳି କିଛି କହିଛନ୍ତି । କାଶ୍ମୀର ସମସ୍ୟା ଏବଂ ଭାରତ ସହିତ ଅନ୍ୟ ସମସ୍ୟାର ସମାଧାନ ହୋଇଗଲେ ମଧ୍ୟ ଚୀନ ସହିତ ସେମାନଙ୍କର ସମ୍ପର୍କ କାଏମ ରହିବ ଏବଂ ଆମକୁ ସେମାନେ ସାହାଯ୍ୟ କରିବେ ନାହିଁ ଚୀନର ସମ୍ମୁଖୀନ ହେବାକୁ ।"

Arnold: "ଆପଣ ଦୁହିଁଙ୍କ ମଧ୍ୟରେ ଯୁଦ୍ଧ ନ କରିବାର ଘୋଷଣା ପତ୍ରରେ ସ୍ୱାକ୍ଷର କରିବାକୁ ଯେହେତୁ ସେମାନେ ମନା କରିଛନ୍ତି, ଏହା ବନ୍ଧୁତ୍ୱହୀନତାର ପରିବେଶକୁ ବଢାଇ ଦେଇଛି, ଯଦିଓ ସମ୍ଭାବ୍ୟ ସଂଘର୍ଷର ନୁହେଁ । ତଥାପି ଆପଣ ଓ ପାକିସ୍ଥାନ ମଧ୍ୟରେ ସାମରିକ ସଂଘର୍ଷ ଆପଣ ଉଭୟଙ୍କ ଉପରେ ବିରାଟ ପ୍ରଭାବ ପକାଇବ ନାହିଁ କି ?"

**ନେହେରୁ:** "ହଁ, ହୋଇପାରେ । ଆମେ ଆଶା କରୁ ଏପରି ହେବ ନାହିଁ । ବେଳେ ବେଳେ ରାଷ୍ଟ୍ରପତି ଆୟୁବ ଖାଁ ମଧ୍ୟ ଏହା କୁହନ୍ତି । କିନ୍ତୁ ସେମାନଙ୍କର ମାନସିକତାର ଆଧାର ହେଉଛି ଭାରତପ୍ରତି ଭୟ ଏବଂ ଘୃଣା । ଭୟ ଏବଂ ଘୃଣା ଉଭୟ ଅବାଞ୍ଛନୀୟ ଅଟେ । ସେମାନେ ପ୍ରଥମେ ପଶ୍ଚିମ ଦେଶମାନଙ୍କ ଉପରେ ନିର୍ଭର କରିଥିଲେ ନିଜକୁ ଶକ୍ତିଶାଳୀ କରିବାକୁ, ଆପଣ କହିପାରନ୍ତି, ଯୁଦ୍ଧଭୂମିରେ ଭାରତ ସହିତ ମୁକାବିଲା ପାଇଁ । ସେମାନେ ଯେତେବେଳେ ଜାଣିଲେ ଯେ ଏହା ବେଶୀ ବାଟ ଯାଉନାହିଁ, ସେତେବେଳେ ସେମାନେ ଚୀନ

ଆଡକୁ ମୁହାଁଇଲେ । ଏବଂ ମୋର ମନେ ହୁଏ ରାଷ୍ଟ୍ରପତି ଆୟୁବ କେତେକ ସ୍ଥାନରେ କହିଥିବା ଯେ, ସେ ଅନୁତପ୍ତ ଚୀନ ଆକ୍ରମଣ ବେଳେ ସେ ଭାରତକୁ ଆକ୍ରମଣ କରିବାର ସୁଯୋଗକୁ ହାତଛଡ଼ା କରିଦେଲେ ।"

Arnold:"ଏହା ସତ୍ତ୍ୱେ ଆପଣ ଅନୁଭବ କରନ୍ତି ଯେ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆପଣ ଚାପ ପକାଇବା ଉଚିତ ଏବଂ ଚାପ ପକାଇ ଚାଲିବା ଉଚିତ ।"

**ନେହେରୁ**: "ହଁ , ଆମକୁ ଏହା କରିବାକୁ ହେବ । ବର୍ତ୍ତମାନ ଆମେ ପାକିସ୍ଥାନକୁ ଯେପରି ଦେଖୁଛୁ, ଭାରତ ଏବଂ ପାକିସ୍ଥାନ ବନ୍ଧୁ ହେବାକୁ ପଡିବ, ସେମାନଙ୍କୁ ପରସ୍ପର ସହିତ ସହଯୋଗ କରିବାକୁ ହେବ ଯେପରି କି ସେମାନେ ପରସ୍ପର ଉପରେ ନିର୍ଭରଶୀଳ ଦୁଇ ଦେଶ । ମନେ ରଖିବାକୁ ହେବ ଯେ ଇତିହାସରେ ଯେଉଁ ଅଂଚଳକୁ ପାକିସ୍ଥାନ କୁହାଯାଉଛି, ତାହାର ଏକ ବଡ଼ ଅଂଶ, ଅଲଗା ଦେଶ ନଥିଲା ଯେପରି ଦକ୍ଷିଣ ଭାରତ ଥିଲା । ଉତ୍ତର ଭାରତ ଏବଂ ପାକିସ୍ଥାନ, ଭୂଗୋଳ ଦୃଷ୍ଟିରୁ, ଇତିହାସ ଦୃଷ୍ଟିରୁ, ଭାଷା ଦୃଷ୍ଟିରୁ, ସେମାନଙ୍କର ଭାଷା ଆମର ଏଠାକାର ଭାଷା ପରି, ସଂସ୍କୃତି ଦୃଷ୍ଟିରୁ ସେମାନଙ୍କ ମଧ୍ୟରେ ଅନେକ ସମାନତା ରହିଛି । ଏହା ତ ବୋକାମୀ ଯେ ଆମ ଭିତରେ ମନୋମାଳିନ୍ୟ କାଏମ ରହିଛି । ଏବଂ ମୁଁ ଭାବୁଛି ଏହା କମି କମି ଯିବ । ପ୍ରକୃତରେ ଦେଖିଲେ, ଲୋକଙ୍କ ଦୃଷ୍ଟିରୁ ଦେଖିଲେ, ମନୋମାଳିନ୍ୟ ସେପରି ନାହିଁ । ଆମ ଲୋକ ସେଠାକୁ ଯାଆନ୍ତି । ସେଠାକାର ଲୋକମାନେ ଏଠାକୁ ଆସନ୍ତି । ସେମାନଙ୍କୁ ସ୍ୱାଗତ କରାଯାଏ । ସେମାନେ ତାଙ୍କର ପୂରାତନ ବନ୍ଧୁମାନଙ୍କ ବିଷୟରେ କଥାବାର୍ତ୍ତା ହୁଅନ୍ତି । ଯେଉଁ ମନୋମାଳିନ୍ୟ ତାହା ବିଶେଷ ଭାବରେ ଉପର ସ୍ତରରେ, ରାଜନୈତିକ କାରଣରୁ, ଯାହାକୁ ଆହୁରି ଖରାପ କରି ଦିଆଯାଉଛି ଏହା ଉପରେ, ଧର୍ମୀୟ ପ୍ରସଙ୍ଗ ଲଦି ଦେଇ ।"

Arnold: "କିନ୍ତୁ ଆଲୋଚନା ବିଫଳ ହେଉଛି, ଆପଣ ଓ ରାଷ୍ଟ୍ରପତି ଆୟୁବଙ୍କ ଭିତରେ କୌଣସି ବ୍ୟକ୍ତିଗତ ଶତ୍ରୁତା ରହିଛି କି ?"

**ନେହେରୁ**: "ମୋର କୌଣସି ଶତ୍ରୁତା ନାହିଁ, କିନ୍ତୁ ସେ କିଛିଦିନ ହେଲା କହୁଛନ୍ତି ଯେ ଭାରତ ପାକିସ୍ଥାନ ସହଯୋଗରେ ମୁଁ କାଳେ ପ୍ରତିବନ୍ଧକ ହେଉଛି । ବ୍ୟକ୍ତିଗତ ସ୍ତରରେ କାହାରି ସହିତ ଶତ୍ରୁତାର ପ୍ରଶ୍ନ ଉଠୁନାହିଁ । ମୋର ଅନେକ ବନ୍ଧୁ ପାକିସ୍ଥାନରେ ଅଛନ୍ତି । ସେମାନେ ଏଠାକୁ ଆସନ୍ତି ଓ ଆମ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବସାଉଠା ହୋଇଥାଏ ।"

Arnold: "ଶ୍ରୀଯୁକ୍ତ ନେହେରୁ, ୧୯୫୮ ମସିହାରେ ଯେତେବେଳେ ଆପଣଙ୍କ ସହ ଏକ ଚଳଚ୍ଚିତ୍ର କରିବାକୁ ମୁଁ ଆସିଥିଲି, ପ୍ରଥମ ବିଷୟ ଯାହା ଆମେ କଥାବାର୍ତ୍ତା ହୋଇଥିଲେ ତାହା ଥିଲା ଆପଣଙ୍କର କର୍ମରୁ ଅବସର ପ୍ରସଙ୍ଗ । କାରଣ ଆପଣ ୧୯୫୮ ଗ୍ରୀଷ୍ମକାଳରେ ଅବସର ନେବାପାଇଁ ଚେଷ୍ଟା କରିଥିଲେ, କିନ୍ତୁ ଦେଶ ଆପଣଙ୍କୁ ଏହା କରିବାକୁ ଦେଇ ନଥିଲା । ସେତେବେଳେ ମୁଁ ପଚାରିଥିଲି ଆପଣ କଣ ଏପରି ଚେଷ୍ଟା ପୁନର୍ବାର କରିବେ । ଆପଣ କହିଥିଲେ ଯେ ସେପରି କୌଣସି ଯୋଜନା ନାହିଁ । ଏହା କଣ ଆଜି ମଧ୍ୟ ଆପଣଙ୍କ ମତ ?"

**ନେହେରୁ**: "ଅଳ୍ପ ବହୁତେ, ହଁ । ମୋର କୌଣସି ସେପରି ଯୋଜନା ନାହିଁ । କିନ୍ତୁ ମୁଁ ତ ଅନିର୍ଦ୍ଦିଷ୍ଟ କାଳ ଯାଏ ରହିପାରିବି ନାହିଁ ।"

Arnold: "ଏହା ଠିକ । କିନ୍ତୁ ଆପଣଙ୍କର ପ୍ରଧାନମନ୍ତ୍ରୀତ୍ୱ ପରେ ଭାରତର ଅଭିଭାବକତ୍ୱ (stewardship)ସମ୍ପର୍କରେ କଣ ଭାବନ୍ତି ?

**ନେହେରୁ**: "କେହି ଜଣେ ଆସିବ ଓ ଦାୟିତ୍ୱ ନେବ । କିନ୍ତୁ ମୁଁ ଅନୁଭବ କରେ ଯେ କାହାରିକୁ ଯଦି ମୁଁ ମନୋନୀତ କରେ, ଯେପରି ଅନେକେ ଆଶା କରୁଛନ୍ତି, ତାହା ନିଶ୍ଚିତ କରିଦେବ ଯେ ସେ (*ମନୋନୀତ ବ୍ୟକ୍ତି*) ବେଶୀଦିନ ରହିପାରିବେ ନାହିଁ । ଲୋକେ ତାଙ୍କପ୍ରତି ଈର୍ଷାନ୍ୱିତ ହେବେ, ତାଙ୍କୁ ପସନ୍ଦ କରିବେ ନାହିଁ । ଇଂଲଣ୍ଡର ପ୍ରଧାନମନ୍ତ୍ରୀ ୱିନଷ୍ଟନ ଚର୍ଚ୍ଚିଲ (Winston Churchill) ଆଂଥନୀ ଇଡେନ (Anthony Eden)ଙ୍କୁ ମନୋନୀତ କରିଥିଲେ । କିନ୍ତୁ ସେ ବେଶୀଦିନ ରହିପାରିଲେ ନାହିଁ । ତେଣୁ ସବୁଠାରୁ ଭଲ ହେଉଛି ଲୋକଙ୍କୁ ଛାଡ଼ିଦେବା ବାଛିବା ପାଇଁ । ସ୍ୱାଭାବିକ ସେମାନେ ସେହିମାନଙ୍କ ଭିତରୁ ବାଛିବେ ଯେଉଁମାନେ ଆମର ପରିସରରେ ଅଛନ୍ତି ।"

Arnold:"ଏକ ଭାରତ କଳ୍ପନା କରିବା ସମ୍ଭବନୁହେଁ, ଯାହାର ଶୀର୍ଷରେ ଆପଣ ନାହାନ୍ତି ।"

**ନେହେରୁ**: "ଯେମିତି ହେଉ ଲୋକଙ୍କୁ ତ ଭାବିବାକୁ ହେବ ।".

Arnold: "ଲୋକେ ତ ଭାବିବେ କିନ୍ତୁ ଉତ୍ସୁକ ହେଉଥିବେ ଜାଣିବା ପାଇଁ ଉତ୍ତରାଧିକାରୀ କିଏ । ଯୁକ୍ତରାଷ୍ଟ୍ର ଆମେରିକାର ଗଣମାଧ୍ୟମରେ କିଛି ମାସ ହେଲା, ବିଶେଷ ଭାବରେ, ଅନେକ ସମ୍ବାଦ ପ୍ରକାଶ ପାଉଛି ଯେ ଆପଣଙ୍କ ଝିଅ, ଶ୍ରୀମତୀ ଗାନ୍ଧୀଙ୍କୁ ଆପଣଙ୍କର ଉତ୍ତରାଧୀକାରୀ ଭାବେ ପ୍ରସ୍ତୁତ କରାଯାଉଛି । ଏହା ଏକ ରୋଚକ ଭାବନା । .

**ନେହେରୁ**: ଏହା ରୋଚକ ହୋଇପାରେ କିଛି ଲୋକଙ୍କ ପାଇଁ । କିନ୍ତୁ ଏହାର ସମ୍ଭାବନା ବହୁତ କମ । ମୁଁ ଜାଣେ ସେ ଏହା ହେବା ଆଦୌ ଚାହେଁନା । କିନ୍ତୁ ମୁଁ ନିଶ୍ଚିତ ଭାବରେ ତାକୁ ଉତ୍ତରାଧିକାରୀ ଭାବେ ପ୍ରସ୍ତୁତ କରୁ ନାହିଁ ।

## Reference

https://youtu.be/zlTfXWFQYGQ?si=aLDh1xZZVjWkc4Nu
(Source: Doordarshan Archives)